

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୪ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ WEDNESDAY 04 MAY 2022
Vol.No. 33 ■ No. 115 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଡେନମାର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ

## ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ କଲେ ଅପିଲ




ନୂଆଦିଲ୍ଲୀ, ୦୩/୦୫ : ତିନି ଦିନିଆ ୟୁରୋପିୟ ଦେଶର ଦ୍ୱିତୀୟ ଦିନରେ ଡେନମାର୍କରେ ପହଂଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ମୋଦୀ । ଏହି ସମୟରେ ମୋଦୀ ରୁଷ-ୟୁକ୍ରେନ ଯୁଦ୍ଧ ସର୍ମ୍ପକରେ ଆଲୋଚନା କରି ତୁରନ୍ତ ଯୁଦ୍ଧ ବନ୍ଦ କରିବାର ଅପିଲ କଥା ମଧ୍ୟ କହିଛନ୍ତି ମୋଦୀ । ଏହା ପରେ ବୈଠକରେ ଜଳବାୟୁ ପରିବର୍ତନ, ଶକ୍ତି ନବୀକରଣ, ପ୍ରତିରକ୍ଷାକ୍ଷେତ୍ରରେ ଉପରେ ଆଲୋଚନାର କାର୍ଯ୍ୟକ୍ରମ ରହିଛି । ୟୁରୋପଗସ୍ତର ୨ୟ ଦିନରେ ଡେନମାର୍କରେ ପହଁଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଡେନମାର୍କ ଓ ଭାରତ ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର ହେବା ସହ ଦ୍ୱିପାକ୍ଷୀକ ଆଲୋଚନା କରାଯାଇଛି । ଆଲୋଚନା ପରେ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନମନ୍ତ୍ରୀ ମୋଦି ଋଷ-ୟୁକ୍ରେନ ଯୁଦ୍ଧ ଉପରେ ବଡ ବୟାନ ରଖିଛନ୍ତି । ଯୁଦ୍ଧଉପରେ ତୁରନ୍ତ ବିରାମ ଲଗାଯିବା ଉଚିତ ବୋଲି ଡେନମାର୍କରେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେପଟେ ଭାରତ ସହ ନିଜ ଦେଶ ସର୍ମ୍ପକକୁ ଅଧିକ ମଜବୁତ କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି ଡେନମାର୍କ ପ୍ରଧାନମନ୍ତ୍ରୀ । ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକ୍ସନ କହିଛନ୍ତି ଯେ ଭାରତ ସହ ଭବିଷ୍ୟତରେ ସୁଦୃଢ ସର୍ମ୍ପକ ରହିବା ନେଇ ଆଶାୟୀ ଅଛି ଡେନମାର୍କ । ଦ୍ୱିପାକ୍ଷୀକ ଆଲୋଚନା ପରେ ଭାରତ ଓ ୟୁକ୍ରେନ ମଧ୍ୟରେ ▶▶ପୃଷ୍ଠା ୭

## ଅକ୍ଷୟ ତୃତୀୟାରେ କାଳିଆ ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ରାଜ୍ୟର କୃଷକ ମାନଙ୍କୁ କାଳିଆ ଯୋଜନାର ସହାୟତା ପ୍ରଦାନ କରିଛନ୍ତି । ଏହାଦ୍ୱାରା ଝାରସୁଗୁଡା ବ୍ୟତୀତ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି । ଚାଷୀ ମାନଙ୍କୁ ଏହି ଟଙ୍କାକୁ ଚାଷ କାମରେ ଲଗାଇ କୃଷିରେ ଉନ୍ନତି ଆଣିବା ପାଇଁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷୀ ଆମ ଅର୍ଥନୀତିର ମୁଖ୍ୟ ଆଧାର । ଆମର କୃଷକମାନେ କେବଳ ଓଡିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । କୃଷି ବିକାଶ ଓ କୃଷକ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ କୃଷି ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପଣସ ମିଶନ ଓ ରିୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହିତ ମିଲେଟ୍ ମିଶନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ର ପ୍ରସାର ମଧ୍ୟ କରାଯାଉଛି । ସୂଚନାଯୋଗ୍ୟ ଯେ ପଣସ ମିଶନରେ ୯ଟି ଜିଲ୍ଲାର ପଣସ ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ▶▶ପୃଷ୍ଠା ୭

## କୃଷ୍ଣସାଗରରେ ସମରସଜ୍ଜା : ସମୁଦ୍ରଗର୍ଭରେ ହେବ କି ମହାଯୁଦ୍ଧ ?



ନୂଆଦିଲ୍ଲୀ, ୦୩/୦୫ : ୬୯ଦିନରେ ପହଁଚିଛି ରୁଷ ଓ ୟୁକ୍ରେନ ଯୁଦ୍ଧ । ଆକାଶପଥରୁ ୟୁକ୍ରେନ ଛାତିରେ ବୋମା ବର୍ଷା କରିଚାଲିଛି ପୁଟିନ ବାହୀନୀ । ସେପଟେ ସ୍ଥଳପଥରେ ବି ଧୁଆଁଧାର ଆକ୍ରମଣ ଜାରି ରହିଛି । ଏହା ଭିତରେ ଜଳପଥରେ ମଧ୍ୟ ଆରମ୍ଭ ହୋଇଯାଇଛି ଯୁଦ୍ଧ । ସୂଚନା ଅନୁସାରେ ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁନାଇଟେଡ କିଙ୍ଗଡମ ଏବେ ନିଜ ନିଜର ଆଣବିକ ଯୁଦ୍ଧପୋତ ଓ ବୁଡାଜାହଜଗୁଡିକୁ ଗ୍ଲାସଗୋ ନିକଟସ୍ଥ ସ୍କଟଲ୍ୟାଣ୍ଡର ଫସଲେନ ନାଭାଲ ବେସରେ ମୁତୟନ କରିଛନ୍ତି । ଆଣବିକ ଚାଳିତ ଆକ୍ରମଣକାରୀ ବୁଡାଜାହଜ ୟୁଏସଏସ ଇଣ୍ଡିଆନା ଏପ୍ରିଲ ୨୭ ତାରିଖରେ ସ୍କଟଲ୍ୟାଣ୍ଡର ସ୍ଲାଇଡରେ ଥିବା ମହାରାଜା ନାଭାଲବେସ ଆଡକୁ ଅଗ୍ରସର ହେଉଥିବା ଦେଖିବାକୁ ମିଳିଥିଲା ।ସେହିପରି ଫ୍ରାନ୍ସ ସେନାର ରୁବିସ ଶ୍ରେଣୀର ଆଣବିକ ଚାଳିତ ବୁଡାଜାହଜ ଏହାର ଠିକ ଦିନକ ପରେ ସେଠାରେ ପହଁଚିଥିବା ସୂଚନା ରହିଛି । କେବଳ ସେତିକି ନୁହେଁ ନାଭାଲବେସରେ ମୃତୟନ ବୁଡାଜାହଜ ମଧ୍ୟରେ ପରମାଣୁ ଚାଳିତ ଭାନଗାର୍ଡ ଶ୍ରେଣୀର ବାଲିଷ୍ଟିକ କ୍ଷେପଣାସ୍ତ୍ର ସଜ୍ଜିତ ବୁଡାଜାହଜ ଓ ଆଷ୍ଟ୍ୟୁଟ୍ ଶ୍ରେଣୀର ଆକ୍ରମଣକାରୀ ବୁଡାଜାହଜ ମଧ୍ୟ ରହିଛି । ▶▶ପୃଷ୍ଠା ୭

## ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ବିରୋଧରେ ଆସିଛି ଯୌନ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ । ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଧାୟକ ଜଣେ ଯୁବତୀଙ୍କୁ ଯୌନ ଶୋଷଣ କରୁଥିବା ବେଳେ ଏବେ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି । ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୋଲିସ୍ ଏତଲା ଗ୍ରହଣ କରୁ ନ ଥିବା କଂଗ୍ରେସ ଅଭିଯୋଗ କରିଛି । ଏହି ଘଟଣାରେ ଆଜି ବିଧାୟକ ପ୍ରକାଶ ମାଝୀଙ୍କ କୁଶପୁତଳିକା ଦାହ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜିଲ୍ଲା କଂଗ୍ରେସ । ଏଥିସହ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଜିଲ୍ଲାର ପ୍ରତ୍ୟେକ ଥାନା ଘେରାଉ କରାଯିବା ସହ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛି । ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବିଜେପି ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ ଓ ବିଜେପି ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି ବିଧାୟକଙ୍କ ବିରୋଧରେ ପୃଥକ ଭାବେ ଏହି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । କଂଗ୍ରେସ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି । ଏଥିସହ ତାଙ୍କର ସଭ୍ୟପଦ ରଦ୍ଦ କରାଯାଉ ବୋଲି କଂଗ୍ରେସ ଦାବି କରିଛି । କଂଗ୍ରେସ ପକ୍ଷରୁ ନବରଙ୍ଗପୁରରେ ବିଧାୟକଙ୍କ କୁଶପୁତଳିକା ଦାହ କରାଯାଇଛି । ଅପରପକ୍ଷରେ ବିଜେପି ଅଭିଯୋଗ କରିଛି ଯେ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି । ବିଡିଓଙ୍କୁ ଆକ୍ରମଣ ଘଟଣାରେ ବିଧାୟକ ସୁବାସ ପାଣିଗ୍ରାହୀ ଗିରଫ ହୋଇଥିବା ବେଳେ ପୋଲିସ ଝରିଗାଁ ବିଧାୟକଙ୍କ ବିରୋଧରେ ଏତଲା ରଖୁନାହିଁ । ଆଇନ ଏଠାରେ ଠିକ ରାସ୍ତାରେ ଯାଉନାହିଁ ବୋଲି ଅଭିଯୋଗ କରିଛି ବିଜେପି ।

## ଓଡ଼ିଶାର ବିଧାୟକଙ୍କୁ ୫ରେ ଦିଲ୍ଲୀରେ ଭେଟି ଆଲୋଚନା କରିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ରାଜ୍ୟ କଂଗ୍ରେସର ସାଂଗଠନିକ ସ୍ଥିତିକୁ ନେଇ ଆଗାମୀ ପାଂଚ ତାରିଖ ଦିନ ଓଡିଶାର କଂଗ୍ରେସ ବିଧାୟକ ମାନଙ୍କ ସହ ଆଲୋଚନା କରିବେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ । ରାହୁଲ ଗାନ୍ଧୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଂଗ୍ରେସ ବିଧାୟକ ମାନଙ୍କୁ ଟେଲିଫୋନରେ ଡକରା ଆସିଥିବା ନେଇ ଜଣା ପଡିଛି । ଏଥିପାଇଁ ବିଧାୟକମାନଙ୍କୁ ଦିଲ୍ଲୀ ଡକାଯାଇଛି । ବୈଠକରେ ନୂଆ ସଭାପତି ଚୟନ ଓ ସାଙ୍ଗଠନିକ ପରିବର୍ତ୍ତନ ନେଇ ଆଲୋଚନା ହେବା ସମ୍ଭାବନା ରହିଛି ।

## ବିଶ୍ୱକୁ ମାଡିଆସିବ ଅନେକ ମହାମାରୀ

### ଜଳବାୟୁ ପରିବର୍ତ୍ତନ ନେଇ ଚିନ୍ତା ପ୍ରକାଶ କଲା ଜାତିସଂଘ



ନୂଆଦିଲ୍ଲୀ, ୦୩/୦୫ : ଆମେରିକା ଜର୍ଜଟାଉନ ୟୁନିଭର୍ସିଟିର ନୂଆ ଗବେଷଣା ଅନୁସାରେ, ୨୦୭୦ ସୁଦ୍ଧା ବିଶ୍ୱ ହଜାର ହଜାର ସଂଖ୍ୟାରେ ମହାମାରୀର ଶିକାର ହେବ । ଏହି ସମୟରେ ଅତି କମରେ ୧୫ ହଜାର ଭୂତାଣୁ ପଶୁଙ୍କଠାରୁ ମଣିଷକୁ କବଳିତ କରିବାର ସମ୍ଭାବନା ରହିଛି । 'ନେଚର ଜର୍ଣ୍ଣାଲ'ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଆସନ୍ତା ୫୦ ବର୍ଷ ଭିତରେ ଏସିଆ ଏବଂ ଆଫ୍ରିକାରେ ମହାମାରୀ ବ୍ୟପୀବାର ଅଧିକ ସମ୍ଭାବନା ରହିଛି । ଏହା ପୂର୍ବରୁ ଫ୍ଲୁ, ଏଚଆଇଭି, ଇବୋଲା ଏବଂ କରୋନା ଭଳି ମହାମାରୀର ହଟସ୍ପଟ ପାଲଟିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଯଦି ଆଗାମୀ ୫୦ ବର୍ଷରେ ପୃଥିବୀର ତାପମାତ୍ରା ୨ ଡିଗ୍ରୀ ବୃଦ୍ଧି ପାଇବ ତେବେ ୩ ହଜାରରୁ ଅଧିକ ଉଦ୍ଭିଦ୍ ସ୍ତନ୍ୟପାୟୀ ପ୍ରାଣୀ ସ୍ଥାନାନ୍ତରିତ ହେବାକୁ ବାଧ୍ୟ ହେବେ । ଏଥିଯୋଗୁଁ ଭୂତାଣୁ ସଂକ୍ରମଣ ମଧ୍ୟ ବୃଦ୍ଧି ପାଇବ ଏବଂ ଅନ୍ୟ ପଶୁମାନଙ୍କ ପାଖରୁ ଏହା ବ୍ୟପୀଯିବ । ପରବର୍ତ୍ତୀ ସମୟରେ ଏହା ମଣିଷକୁ ସଂକ୍ରମଣ କରିବ । ଏବେକା ସମୟରେ ମଣିଷକୁ ସଂକ୍ରମଣ କରିବା ଭଳି ପାଖାପାଖି ୧୦ ହଜାର ଭୂତାଣୁ ପଶୁଙ୍କ ଠାରେ ରହିଛି । ଏହା କରୋନା ଭଳି ମାହାମାରୀରେ ମଧ୍ୟ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ୨୦୭୦ ସୁଦ୍ଧା କେବଳ ସ୍ତନ୍ୟପାୟୀ ପ୍ରାଣୀଙ୍କ ଠାରୁ ୪ ହଜାର ଭୂତାଣୁ ବ୍ୟାପୀବ । ବାଦୁଡି ଠାରୁ ଅଧିକ ଭୂତାଣୁ ବ୍ୟାପୀପାରେ । କାରଣ ଏହି ପକ୍ଷୀ ସବୁ ପକ୍ଷିଙ୍କ ଅପେକ୍ଷା ଅଧିକ ଦୂର ପର୍ଯ୍ୟନ୍ତ ଉଡିପାରନ୍ତି । ଅଧ୍ୟୟନରେ ସାମିଲ ବୈଜ୍ଞାନିକ ▶ପୃଷ୍ଠା ୭

## ବ୍ରଜରାଜନଗର ଉପନିର୍ବାଚନ : ପ୍ରତିକ୍ରିୟା ରଖିଲେ ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନରେ କିଏ ହେବ ବିଜେପି ପ୍ରାର୍ଥୀ ? ପ୍ରତିକ୍ରିୟା ରଖିଲେ ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା । ଦଳ ମୋତେ ପ୍ରସ୍ତୁତ ରହିବା ପାଇଁ କହିସାରିଛି । ମୁଁ ଲଢେ ବୋଲି ହାଇକମାଣ୍ଡ ଚାହୁଁଛନ୍ତି । ନାଁ ଘୋଷଣାକୁ ଅପେକ୍ଷା କରିଛି । ରାଜନୀତିରେ ଅଛି, ଲଢିବା ପାଇଁ ଇଚ୍ଛା ଅଛି । ନାଁ ଘୋଷଣା ହୋଇଗଲେ ଲଢିବା ପାଇଁ ପ୍ରସ୍ତୁତ ହେବି । ସେପଟେ, ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ୩ ପ୍ରମୁଖ ଦଳ ମଧ୍ୟରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ରଣନୀତି ପାଇଁ ବିଜେଡିର ଆସନ୍ତାକାଲି ବ୍ରଜରାଜନଗରରେ ବୈଠକ ବସୁଛି । ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଏକ ଜଣିଆ କମିଟି ଗଠନ ହୋଇଛି । ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତି ଏହି ରେସରେ ସବୁଠାରୁ ଆଗରେ ରହିଥିବା କୁହାଯାଉଛି । ତେବେ ମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଲି ଦାସଙ୍କ ନାଁକୁ ନେଇ ମଧ୍ୟ ପୂର୍ବରୁ ଚର୍ଚ୍ଚା ହୋଇଥିଲା । ସେପଟେ କଂଗ୍ରେସ ବରିଷ୍ଠ ନେତା କିଶୋର ପଟେଲଙ୍କୁ ମଇଦାନକୁ ଛାଡ଼ିପାରେ । କିନ୍ତୁ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ ବୋଲି କଂଗ୍ରେସ ସୂତ୍ରରୁ ଜଣାପଡ଼ିଛି ।

## ଅକ୍ଷୟ ତୃତୀୟା: ରଥ ନିର୍ମାଣ ଅନୁକୂଳ

ପୁରୀ, ୦୩/୦୫ (ନି.ପ୍ର): ରଥ ନିର୍ମାଣ ଅନୁକୂଳ । ଶ୍ରୀମନ୍ଦିରରୁ ଆସିଲା ମହାପ୍ରଭୁଙ୍କ ଆଜ୍ଞାମାଳ । ବନଜାଗ ବିଧିରେ ପ୍ରଭୁ ନୃସିଂହଙ୍କ ପୂଜାର୍ଚ୍ଚନା ପରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଛି । ପବିତ୍ର ଅକ୍ଷୟ ତୃତୀୟାରୁ ଶ୍ରୀମନ୍ଦିରରେ ୨ଟି ପର୍ବ ପାଳନ କରାଯାଉଛି । ଗୋଟିଏ ପଟେ ରଥ କାଠ ଅନୁକୂଳ ହୋଇଥିବାବେଳେ ଓ ଅନ୍ୟଟି ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ଧରି ଚାପ ଖେଳିବାର ପରମ୍ପରା ରହିଛି । ବନଜାଗ ବିଧିରେ ପୂଜା କାର୍ଯ୍ୟ ସହ ସୁନା କୁରାଢିରେ ରଥ ନିର୍ମାଣ ଅନୁକୂଳ କରାଯାଇଛି । ରଥ ନିର୍ମାଣ ଅନୁକୂଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଡ଼ା ବନ୍ଦୋବସ୍ତ କରାଯାଇଥିଲା । ସେପଟେ ଆଜିଠୁ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ ମହାପ୍ରଭୁ ।

## କାଳବୈଶାଖୀ ପାଇଁ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ୪ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକଟବର୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ,୬ ତାରିଖରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ପରବର୍ତୀ ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହୋଇପାରେ । ଏହାର ପ୍ରଭାବରେ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ସହ କାଳବୈଶାଖୀର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମାଲକାନାଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଜପତି, କେନ୍ଦୁଝର ଓ ମୟୂରଭଂଜଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପବନର ବେଗ ଘଂଟାପ୍ରତି ୩୦ରୁ ୪୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ । ଏହାକୁ ଦୃଷ୍ଟିରେ ରଖି ଏହି ୧୬ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।

## ଯୋଧପୁରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ : ୩ ଗିରଫ

ଜୟପୁର, ୦୩/୦୫ (ନି.ପ୍ର): ରାଜସ୍ଥାନ ଯୋଧପୁରରେ ଲାଗିଲା କର୍ଫ୍ୟୁ । ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ଏଠାକାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲାଗୁ କରାଯାଇଛି । ସେହିପରି ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ହିଂସା ଘଟିଥିବା ସ୍ଥାନ ଜଲୌରୀ ଗେଟ୍‌କୁ ସଂଯୋଗ ହୋଇଥିବା ସମସ୍ତ ରାସ୍ତାକୁ ବନ୍ଦ କରିଦିଆଯାଇଛି । ଗତକାଲି ଇଦ୍ ପୂର୍ବରୁ ଯୋଧପୁରର ଜଲୌରୀ ଗେଟ୍‌ରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖାଦେଇଥିଲା । ଲାଉଡସ୍ପିକର ଓ ପତାକା ଉଡାଇବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାପରେ ପୁଲିସ ସ୍ଥିତିକୁ ଆୟତ୍ତ କରିବାକୁ ଯାଇ ମୃଦୁ ଲାଠି ଚାର୍ଜ କରିଥିଲା ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡ଼େନମାର୍କ ପ୍ରଧାନମନ୍ତ୍ରୀ ଓଡ଼ିଶାର ପଟ୍ଟଚିତ୍ର ଦେଖାଇବା ପ୍ରସଙ୍ଗ

## ଓଡ଼ିଶାର ଅନନ୍ୟ କଳା ସଂସ୍କୃତି, ପଟ୍ଟଚିତ୍ର, ଭାସ୍କର୍ଯ୍ୟକୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ମୁଁ ଓଡ଼ିଶା ତରଫରୁ କୃତଜ୍ଞତା ଜ୍ଞାପନ କରୁଛି : ଧର୍ମେନ୍ଦ୍ର



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡ଼େନମାର୍କ ପ୍ରଧାନମନ୍ତ୍ରୀ ଓଡ଼ିଶାର ପଟ୍ଟଚିତ୍ର ଦେଖାଇବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଅନନ୍ୟ କଳା ସଂସ୍କୃତି, ପଟ୍ଟଚିତ୍ର, ଭାସ୍କର ?ୟ୍ୟକୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଓଡ଼ିଶା ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପ ଗସ୍ତ ସମୟରେ ଆଜି ଡେନମାର୍କ ଗସ୍ତ କରିଛନ୍ତି । ଡ଼େନମାର୍କର ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡ଼ିକ୍ସନଙ୍କୁ ସାକ୍ଷାତ୍ କରିବା ସମୟରେ ତାଙ୍କ ବାସଭବନରେ ଲାଗିଥିବା ପ୍ରଭୁ ଶ୍ରୀରାମଙ୍କ ଦରବାର ବିଷୟରେ ବର୍ଣ୍ଣିତ ଓଡ଼ିଶାର ପଟ୍ଟଚିତ୍ରକୁ ଦେଖାଇଥିଲେ । ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଏହି ପଟ୍ଟଚିତ୍ର ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଓଡ଼ିଶାର ଏହି ପଟ୍ଟଚିତ୍ରକୁ ନେଇ ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ଓଡ଼ିଶା ଏବଂ ଓଡ଼ିଶାର ପାରମ୍ପରିକ କଳାର ବୈଭବତାର ପ୍ରତିଫଳନ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

# ସମାଜସେବୀଙ୍କ ଘରୁ ଡକାୟତି

ପଟ୍ଟାମୁଣ୍ଡାଇ,୩/୦୫ (ନି.ପ୍ର): ପଟ୍ଟାମୁଣ୍ଡାଇ ଧୋୟାଂଚଳର ବିଶିଷ୍ଟ ସମାଜସେବୀ ବର୍ଷୀୟାନ ରାଜନେତା ଡା. ଗଦାଧର ମଲ୍ଲିକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଚଉଦକୁଲାଟ ଫାଣ୍ଡି ଓ ପଟ୍ଟାମୁଣ୍ଡାଇ ପୋଲିସ ଛାନଭିନ ଚଳାଇଥିବାବେଳେ ଅଦ୍ୟାବଧି ଡକାୟତଙ୍କ ସନ୍ଧାନ ମିଳିପାରିନାହିଁ । ଏହି ଘଟଣା ଶନିବାର ସନ୍ଧ୍ୟା ୭.୩୦ ମି. ସମୟରେ ଘଟିଥିବାରୁ ସମଗ୍ର ଧୋୟାଂଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଧୋୟାଂଚଳର ଲାଇଫ ଲାଇନ କୁହାଯାଉଥିବା ବଲୁରିଆ-ଅଳପୁଆ ବ୍ୟସ୍ତବହୁଳ ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ଡା. ମଲ୍ଲିକଙ୍କ ଘରୁ ସନ୍ଧ୍ୟା ସମୟରେ ଡକାୟତି ହୋଇଥିବା ଘଟଣାକୁ ନେଇ ସମଗ୍ର ପଟ୍ଟାମୁଣ୍ଡାଇରେ ଆଲୋଡନ ସୃଷ୍ଟି ହୋଇଛି । ଗତକାଲି ସନ୍ଧ୍ୟା ସମୟରେ ଡା. ମଲ୍ଲିକ ତାଙ୍କ ବଲୁରିଆ ଛକରେ ଥିବା ନିଜ କ୍ଲିନିକରେ ଥିବା ସମୟରେ ଘରେ ତାଙ୍କର ପୁଅ ଦେବାଶୀଷ ମଲ୍ଲିକ, ବୋହୂ ମମତା ମଲ୍ଲିକ ଓ ନାତୁଣୀ ତପସ୍ୱିନୀ ମଲ୍ଲିକ ଘରେ ଥିବା ସମୟରେ ୪ ଜଣ ଡକାୟତ ପିସ୍ତଲ, ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଶ୍ରୀ ମଲ୍ଲିକଙ୍କ ଘରେ ପ୍ରବେଶ କରିଥିଲେ । ପରିବାର ଲୋକ କିଛି ବୁଝିବା ପୂର୍ବରୁ ଡକାୟତମାନେ ପିସ୍ତଲରେ ଆକ୍ରମଣ କରି ଶ୍ରୀ ମଲ୍ଲିକଙ୍କ ପୁଅ ଦେବାଶୀଷଙ୍କ ମୁଣ୍ଡକୁ ଫଟାଇ ଦେବା ସହିତ ଟଙ୍କା, ସୁନା ମାଗିଥିଲେ । ଘରେ ଉପସ୍ଥିତ ଥିବା ବୋହୂ ମମତା ପ୍ରତିରୋଧ କରିବାରୁ ତାଙ୍କୁ ଡକାୟତମାନେ ବାଡିଆପିଟା କରିଥିଲେ । ୪ ଜଣ ଡକାୟତଙ୍କ ମଧ୍ୟରୁ ଜଣେ ଗେଟ ପାଖରେ ଜଗି ରହିଥିବାବେଳେ ୩ ଜଣ ଘରେ ପଶି ଲୁଟପାଟ କରିଥିଲେ । ଘରେ ଥିବା ନଗଦ ୪୦ ହଜାର ଟଙ୍କା, ୩ଟି ସୁନା ମୁଦି, ସୁନାବଳା, ୨ ହଳ ଚୁଡି, କାନଫୁଲ ଓ ନାତୁଣୀ ତପସ୍ୱିନୀଙ୍କ କାନଫୁଲ ଓ ଦାମି ଲୁଗାପଟା, ସାଲ ଇତ୍ୟାଦି ଲୁଟି ନେଇଥିଲେ । ଶ୍ରୀମଲ୍ଲିକଙ୍କ ଘର ପାଖରେ କୌଣସି ବ୍ୟକ୍ତିଙ୍କ ଘର ନଥିବାରୁ ତାଙ୍କ ପୁଅ-ବୋହୂଙ୍କ ଚିତ୍କାର ଗ୍ରାମ ଲୋକାମାନେ ଶୁଣି ପାରିନଥିଲେ । ଫଳରେ ଡକାୟତମାନେ ଅତି ସହଜରେ ଲୁଟପାଟ କରି ଖସି ପଳାଇଯାଇଥିଲେ । ଡକାୟତମାନେ ମଧ ଘରର ୨ଟି ମୋବାଇଲ ଫୋନ ନେଇଯାଇଛନ୍ତି । ପୋଲିସ ମୋବାଇଲ ଟ୍ରାକିଂ କରିଥିଲେ ହେଁ ଡକାୟତମାନେ ସମ୍ଭବତଃ ମୋବାଇଲ ସୁଇଚ ଅଫ କରି ଦେଇଥିବାରୁ ଇନ୍ଦୁପୁରର କୁତରଙ୍ଗ ନିକଟ ଡୋଳଜମରା ଠାରୁ ଏହି ମୋବାଇଲର ସିଗନାଲ ଆଉ ଜଣାପଡିନଥିଲା । ତେବେ ଡକାୟତି ଘଟଣା ସଂପର୍କରେ ଡା. ଶ୍ରୀମଲ୍ଲିକ ଚଉଦକୁଲାଟ ଫାଣ୍ଡି ପୋଲିସକୁ ତତକ୍ଷଣାତ ଫୋନେ ଯୋଗ ଖବର ଦେବାକୁ ଚାହିଁଥିଲେ ହେଁ ପୋଲିସ ଫୋନ ରିସିଭ କରିନଥିବା କାରଣକୁ ନେଇ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପରେ ଡକାୟତି ସଂପର୍କରେ ଖବର ପାଇ କେନ୍ଦ୍ରାପଡା ଏସପି ସନ୍ଦୀପ ସଂପଦ ମଦକରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଏସଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୋଲିସ ଆଜି ଅପରାହ୍ନରେ ଫରେନସିକ ଟିମର ସହାୟତାରେ ଘଟଣାର ଛାନଭିନ ଚଳାଇଛି । ଏହି ଘଟଣାରେ ସଂପୃକ୍ତ ଡକାୟତମାନେ ଶିଘ୍ର ଧରା ପଡିବେ ବୋଲି ଆଇଆଇସି ଶ୍ରୀ ରାଉତ କହିଛନ୍ତି ।

# ଜିଲ୍ଲାରେ ଅଣ ପଂଜିକୃତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅଙ୍କୁଶ ଲଗାଇବା ଦାବିରେ ଏସ୍‌ପିଙ୍କୁ ଦାବିପତ୍ର

କୋରେଇ,୩/୦୫ (ନି.ପ୍ର): ଯାଜପୁର ଜିଲ୍ଲା ବୈଦ୍ୟୁତିକ ଗଣମାଧ୍ୟମ ସଙ୍ଘ ପକ୍ଷରୁ କର୍ମକର୍ତ୍ତା ଓ ସଦସ୍ୟ ମାନେ ଆଜି ଯାଜପୁର ଏସପି ରାହୁଲ ପିଆରଙ୍କୁ ଭେଟି ଜିଲ୍ଲାରେ ଅଣ ପଂଜିକୃତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅଙ୍କୁଶ ଲଗାଇବା ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ । ବିଭିନ୍ନ ସମୟରେ ଅଣ ପଂଜିକୃତ ଗଣମାଧ୍ୟମ ପ୍ରତିନିଧି ମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରି ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଧମକ ଦେବା ସହ ବ୍ଲାକମେଲ କରିବାର ଅଭିଯୋଗ ଆସୁଛି । ଏପରିକି ପୂର୍ବରୁ ହତ୍ୟା, ଅପହରଣ, ଚୋରି, ଡକାୟିତିଭଳି ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ହାତରେ ବୁମ ଧରି ନିଜକୁ ସମ୍ବାଦିକ ପରିଚୟ ଦେଇ ସାମ୍ବାଦିକତାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି । ଏଭଳି ଅଣ ପଂଜିକୃତ ପ୍ରତିନିଧିଙ୍କ କାର୍ଯ୍ୟକଳାପକୁ ଜିଲ୍ଲା ବୈଦ୍ୟୁତିକ ଗଣମାଧ୍ୟମ ସଙ୍ଘ ଦୃଢ ବିରୋଧ କରୁଅଛି । ଏପରିକି ଜିଲ୍ଲା ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏଭଳି ଅଭଳି ଅଣପଂଜିକୃତ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରୁଛି । ନଚେତ ପ୍ରକୃତ ସାମ୍ବାଦିକ ଓ ସାମ୍ବାଦିକତା ପ୍ରତି ଲୋକମାନଙ୍କର ଭରସା ସମ୍ପୂର୍ଣ୍ଣ ଉଠିଯିବ ବୋଲି ଆଶଙ୍କ ପ୍ରକଟ କରୁଅଛୁ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ଗଣମାଧ୍ୟମ ସଂସ୍ଥା ବା ପ୍ରତିନିଧି ଖବର ସଂଗ୍ରହ କରିବା ପାଇଁ ସୁଯୋଗ ଦିଆଯିବାକୁ ଦାବି ହୋଇଛି । ଏନେଇ ପ୍ରାୟ ରଂଜନ କର, ଅବିନେଶ୍ୱର ଶତପଥି, ସଂନ୍ଦୀପ୍ତ ରାୟ, ପ୍ରକାଶ ରାଉତ, ଦେବାଶିଷ ସାହୁ, ବିଜୟ ସାହୁ, ବିଶ୍ୱଜିତ କର, ହିମାଂଶୁ କୁମାର ପାଢୀ, ସୁରେନ୍ଦ୍ର ସାମଲ, ସନ୍ତୋଷ କୁମାର ସାହୁ, ଜ୍ଞାନ ରଂଜନ ଓଝା, ପରମେଶ୍ୱର ବେୁରିଆ, ଜନ୍ମେଜୟ ଦାଶ, ସମରେନ୍ଦ୍ର ମହଲା, ମହେଶ୍ୱର ରାଉତ, ଚିନ୍ମୟ ନାୟକ, ଆଲୋକ କୁମାର ପହି, କିଶୋର ରାଉତ, ଗୁଲସନ ନୱାଜ ଅଲ୍ଲୀ ଖାଁ ପ୍ରମୁଖ ଅଭିଯୋଗ ଆଣିବା ପରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତି ବିଶେଷ ସମ୍ପର୍କରେ ନଜରକୁ ଆଣିଲେ ପୋଲିସ ପ୍ରଶାସନ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଏସପି ପ୍ରତିଶୃତି ଦେଇଥିଲେ ।

# ହରିହର ମନ୍ଦିରରେ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୩/୦୫ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିର ପରିଚାଳନାରେ ସହଯୋଗ କରିଥିଲେ ସନ୍ତୋଷ କୁମାର ଦାସ, ଗଣେଶ ପ୍ରସାଦ ପରିଛା, ଭଗବାନ ପରିଛା ଓ ମନ୍ଦିର କମିଟିର ସଭ୍ୟସଭ୍ୟା । ପ୍ରତି ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ । ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

# ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରଦାନ କଲେ ଆଇନଜୀବୀ

ଜୟପୁର,୩/୦୫ (ନି.ପ୍ର): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା ନଥିଲା । ଦୁର୍ଘଟଣା ହେଉ କି ଶବ ନେବା ପାଇଁ ଗରିବ ଅସହାୟ ଉପାନ୍ତ ଅଂଚଳବାସୀ ବେସରକାରୀ ଗାଡ଼ିରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା । ବାରମ୍ବାର ଦାବି ସତ୍ୱେ ବି ଗାଡିଟିଏ ଯୋଗାଇଲାନି ପ୍ରଶାସନ । ଶେଷରେ ନିଜସ୍ୱ ଖର୍ଚ୍ଚରେ ଏକ ଶବବାହକ ଗାଡି ଯୋଗେଇ ଦେଇ ମାନବିକତା ଦେଖାଇଛନ୍ତି ବୋରିଗୁମ୍ମାର ଯୁବ ଆଇନଜୀବୀ ମୁନା ଦୋରା । ଗାଡିର ନା (ପୁଲୱାମା ଏକ୍ସପ୍ରେସ ) ରଖାଯାଇଛି । ଆଜି ଠାରୁ ଏହି ଗାଡି ଗରିବ ଅସହାୟକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ରେ ସେବା ଯୋଗାଇବ । ଯୁବ ଆଇନଜୀବୀ ମୁନା ଦୋରାଙ୍କ ଏଭଳି ପଦକ୍ଷେପକୁ ବୋରିଗୁମ୍ମାବାସୀ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଅନ୍ୟପଟେ ୩୧ ଟି ପଚାଂୟତର ୨ ଲକ୍ଷ ଲୋକ ଏହାଦ୍ୱାରା ଉପକୃତ ହୋଇପାରିବେ । ସେବା ପାଇଁ ୭୦୦୮୭୦୧୪୯୦ ରେ ଫୋନ କରିପାରିବେ ବୋଲି କହିଛନ୍ତି ଯୁବ ଆଇନଜୀବି ମୁନା । ସେପଟେ ସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଉପରେ ନିର୍ଭର ନକରି ନିଜେ ଆଗକୁ ଆସି ଏହାର ସମାଧାନ କରିବା ଦିଗରେ ଚିନ୍ତା କରିବାର ବେଳ ଆସିଛି ବୋଲି କହିଛନ୍ତି ବରିଷ୍ଠ ଆଇନଜୀବି ଲାଲୁ ଷଡଙ୍ଗୀ ।

# ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର,୩/୦୫ (ନି.ପ୍ର): ଜୟପୁର ନୁଆସାହି ୫ମ ଲାଇନ, ବାଇପାସ ରୋଡ ରେ ଥିବା ସାଇବାବା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଆଜି ମନ୍ଦିରର ସ୍ୱତନ୍ତ୍ର ପୁଜା, ପାଠ, ହୋମ ଆଳତି କରାଯାଇଥିଲା । ପରେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ଏଠାରେ ବିଧାୟକ ତାରା ପ୍ରସାଦ ବାହିନିପତି ଓ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ରହି ସାଇବାବାଙ୍କ ଆଶୀର୍ବାଦ ନେଇଥିଲେ । ଏଠାରେ ସନ୍ତୋଷ ପାଣିଗ୍ରାହୀ, ଅନନ୍ତ ବାସୁଦେବ ପଣ୍ଡା, ଯୋଗେନ୍ଦ୍ର ସିଂ,ଏମ ଜଗଦିଶ, ସୁଶାନ୍ତ ମିଶ୍ର, ସୁଶାନ୍ତ ପଣ୍ଡା, ସୁଜିତ ସାହୁ, ବିଶ୍ୱନାଥ ପଣ୍ଡା, ଟି .ଲୋକେସ, ଜସପାଲ ସିଂ, ଅଜୁ ପଟ୍ଟନାୟକ ଉଦୟ ସାହୁ ପ୍ରମୁଖ ଉପସ୍ଥି ରହି ପରିଚାଳନା କରିଥିଲେ ।

# ବୋଲେରୋରୁ ୩୨୩ କେଜି ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗରି,୩/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ ଦ୍ୱାରା ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଧରିବା ପ୍ରୟାସ ଜାରି ରହିଥିବା ବେଳେ ପୁଣି ଏକ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି । ବୋଲେରୋ ଗାଡିରେ ନକଲି ନମ୍ବର୍ ପ୍ଲେଟ୍ ଲଗାଇ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ କାଲିମେଳା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩ କ୍ୱିଂଟାଲ ୨୩ କେଜି ଗଞ୍ଜେଇ, ଗୋଟିଏ ମୋଟରସାଇକେଲ ଓ ବୋଲେରୋ ଗାଡିକୁ ଜବତ କରିଛି । ସୂଚନା ନେବାରୁ ଜଣାପଡିଛି ଯେ, କାଲିମେଳା ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କର୍ମଚାରୀ ମାନେ ପ୍ରତ୍ୟକ ଦିନ ଭଳି ଥାନା ଅଂଚଳରେ ଏମଭି ଯାଂଚ୍ ଓ ପେଟ୍ରୋଲିଂ କରୁଥିବା ସମୟରେ ଏମଭି- ୬୬ ଓ ଭେଜାଙ୍ଗିୱାଡ଼ା ରାସ୍ତାରେ ଗୋଟିଏ ବୋଲେରୋ ଅନ୍ତରାଜ୍ୟ ନମ୍ବର୍ ଥିବା ଗାଡ଼ି ଆସୁଥିବା ଦେଖି ପୋଲିସ କର୍ମଚାରୀ ମାନେ ଗାଡିଟିକୁ ଅଟକାଇ ଯାଂଚ୍ କରିଥିଲେ । ଯାଂଚ୍ ବେଳେ ବୋଲେରୋ ଗାଡ଼ି ଭିତରେ ମୋଟ ୧୧ଟି ବସ୍ତାରେ ଗଞ୍ଜେଇ ରହିଥିବା ଜଣାପଡିଥିଲା । ପରେ ପୋଲିସ କର୍ମଚାରୀ ମାନେ ଗାଡି ଭିତରେ ମୋଟ ୧୧ଟି ବସ୍ତାରେ ଗଞ୍ଜେଇ ରହିଥିବା ଦେଖିବାକୁ ପାଇଥିଲେ । ପରେ ପୋଲିସ କର୍ମଚାରୀ ମାନେ ସେଗୁଡିକ ଓଜନ କରିବା ପରେ ମୋଟ ୩୨୩ କେଜି ଗଞ୍ଜେଇ ବାହାରିଥିଲା । ଏଥିସହ ବୋଲେରୋରେ ବସିଥିବା ୨ ଅଭିଯୁକ୍ତ ଆନ୍ଧ୍ରର ରାଜ୍ୟ ୱେଷ୍ଟ ଗୋଦାବରୀ ଜିଲ୍ଲାର ରୁଦ୍ରମ ସତିସ ଅନ୍ୟ ଜଣେ ତେଲେଙ୍ଗାନା ରାଜ୍ୟର ପି. ଭରତ ନାମକ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚରା କରି ତଦନ୍ତ ଜାରି ରଖିଥିଲା ପୋଲିସ । ତେବେ ଏହି ତଦନ୍ତ ସମୟରେ ବୋଲେରୋ ଗାଡିରେ ଲାଗିଥିବା ନମ୍ବର ନକଲି ବୋଲି ପୋଲିସ ଜାଣିବାକୁ ପାଇଥିଲା । ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି । ବୋଲେରୋ ପଛରେ ଅନ୍ୟ ଏକ ବାଇକ୍ ରେ ଆସୁଥିବା ବେଳେ ପୋଲିସକୁ ଦେଖି ଅଭିଯୁକ୍ତ ମାନେ ଘଟଣାସ୍ଥଳରେ ମୋଟରସାଇକଲ୍ ଛାଡି ଫେରାର ହୋଇଯାଇଥିଲେ । ପୋଲିସ ଉକ୍ତ ମୋଟରସାଇକଲକୁ ମଧ ଜବତ କରିଛି । ତେବେ ଗିରଫ ଅଭିଯୁକ୍ତ ମାନେ ଏହି ଗଞ୍ଜେଇ ଗୁଡିକ ବେଜାଙ୍ଗିବାଡ଼ । ଅଂଚଳରୁ ହାଇଦ୍ରାବାଦକୁ ଚାଲାଣ କରୁଥିବା ସେମାନେ ପୋଲିସ ନିକଟରେ ସ୍ୱିକାର କହିଛନ୍ତି । ଏହି ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି । ଘଟଣାରେ ଅନ୍ୟ କେହି ସମ୍ପୃକ୍ତି ଅଛନ୍ତି କି ନାହିଁ ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଥାନା ଇନ୍ସପେକ୍ଟର ସଞ୍ଜୟ କୁମାର ବଡସେଠୀ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଏହା ପୂର୍ବରୁ କାଲିମେଳା ପୋଲିସ ଲଗାତର ବିଭିନ୍ନ ସ୍ଥାନରେ ଚଢଉ କରି ପ୍ରାୟ ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସାରିଥିବା ବେଳେ ଏହି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଚ୍ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ: ମନ ମୋହିଲା ଜୁମ୍ବା ନୃତ୍ୟ, ଉତ୍କଳୀୟ ସମର କଳା

ପୁରୀ,୩/୦୫ (ନି.ପ୍ର): ବିଚ କନେକ୍ଟ (ସଂଯୋଗ:ସ୍ୱର୍ଣ୍ଣାଭ ବେଳାଭୂମି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରବିବାର ସକାଳ ୬ ଟା ସମୟରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ଜୁମ୍ବା ନୃତ୍ୟ, ଉତ୍କଳୀୟ ସମର କଳା,ମ୍ୟୁଜିକ ଚେୟାର, ସ୍ୱାସ୍ଥ୍ୟ ପରୀକ୍ଷା,ନ୍ୟାଚୁରପାଥି, କୁଇଜ ପ୍ରତିଯୋଗିତା, ପେଣ୍ଟିଂ, ୱାଟର ସ୍ପୋର୍ଟସ, ପିଲାମାନଙ୍କ ପାଇଁ ବକେଟବଲ, ଆର୍ଚ୍ଚେରୀ, ରିଙ୍ଗ ଥ୍ରୋ ଭଳି ଫନ ଗେମ୍, ମହିଳା ଓ ପୁରୁଷ ବିଭାଗରେ ଟଗ୍ ଅଫ୍ ୱାର (ଦୌଡି ଭିଡା) ଅନୁଷ୍ଠିତ ହୋଇଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଜନିତ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା । ଶ୍ରୀ ଲିଙ୍ଗରାଜ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉପସ୍ଥିତ ଅଧିକାଂଶ ସେଲଫି ପଏଂଟର ମଜ୍ଜା ନେବା ସହ ମତାମତ ଅଭିଯାନରେ ମଧ ସାମିଲ ହୋଇଥିଲେ । ସମୁଦ୍ରକୂଳ ବ୍ୟବସାୟୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପୌରସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବେଳାଭୂମି ସଫେଇ ସହ ଏହାର ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡି ପୌରସଂସ୍ଥା ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ କରାଯାଇଛି । ସରକାରୀ ଅଧିକାରୀ, କର୍ମଚାରୀ, ପର୍ଯ୍ୟଟକ, ହୋଟେଲ ବ୍ୟବସାୟୀ, ବୁଦ୍ଧିଜିବୀ, ପୁରୀବାସୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ପ୍ରତି ରବିବାର ସକାଳ ସାଢେ ୫ ଟାରୁ ସାଢେ ୮ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ । ଏହି ଅବସରରେ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ମୁକ୍ତ ବିଚାର ମଂଚର ଆଲୋଚନାଚକ୍ର

ନୂଆପଡ଼ା,୩/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ସ୍ଥିତ 'ମୁକ୍ତ ବିଚାର ମଂଚ, ଖଡ଼ିଆଳ' ଓ 'ସ୍ୱୟଂଶାସିତ ମହାବିଦ୍ୟାଳୟ, ଆଇକ୍ୟୁଏସି ବିଭାଗ, ଖଡ଼ିଆଳ 'ଙ୍କ ମିଳିତ ଆନୁକୂଲ୍ୟରେ ବିଚାର ମଂଚର ୩୬ତମ ଆଲୋଚନାଚକ୍ର ମହାବିଦ୍ୟାଳୟ ଏମ୍. ପି. ହଲ୍ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରଟି 'ଭାରତରେ ଅଧୁନା ପ୍ରଚଳିତ ସିଭିଲ ସର୍ଭିସ ବ୍ୟବସ୍ଥା ଅପ୍ରାସଙ୍ଗିକ ' ଶୀର୍ଷକ ଉପରେ ପର୍ଯ୍ୟବେସିତ ହୋଇଥିଲା । ଏଥିରେ ବରେଣ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରଫେସର ସୁଦର୍ଶନଚକ୍ର ପାଣିଗ୍ରାହୀ, ଶିକ୍ଷା ବିଭାଗ, ବରୋଦା ବିଶ୍ୱବିଦ୍ୟାଳୟ, ସୁଶ୍ରୀ ତନୁଶ୍ରୀ ରାୟ, ସ୍ନାତକୋତର ଗଣିତ ଛାତ୍ରୀ, ଜି. ଏମ୍. ୟୁନିଭରସିଟି, ସମ୍ବଲପୁର, ଅଧାପକ ଜେନି ସାହୁ, ବାଣିଜ୍ୟ ବିଭାଗ, ବିଜୁପଟ୍ଟନାୟକ କଲେଜ, ବୋଡ଼େନ ଓ ଶ୍ରୀ ବାସବ ପାତ୍ର, ଆଇନ ଛାତ୍ର ପ୍ରମୁଖ ସଦୟ ଯୋଗଦାନ କରିଥିଲେ । ଡଃ. ପଦ୍ମଲୋଚନ ବର୍ମା, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ଖଡ଼ିଆଳ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହ ଆଲୋଚକ ମାନଙ୍କ ସପକ୍ଷ ଓ ବିପକ୍ଷ ଆଲୋଚନା ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତର ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଆଲୋଚନାଚକ୍ରରେ ପ୍ରାକ୍ତନ ଅଧକ୍ଷ ଡ଼ଃ. ହରେନ୍ଦ୍ର କୁମାର ପଣ୍ଡା, ଶଶିକାନ୍ତ ଖମାରୀ, ତାରିଣୀ ଚରଣ ପାଣିଗ୍ରାହୀ, ପ୍ରାଧାପକ ଲୋହିତାକ୍ଷ ଯୋଷୀ, ପ୍ରାଧାପକ ସାମୁଏଲ ଦାନୀ, ଡଃ. ସୁଶାନ୍ତ କୁମାର ବିଶି, କିଶୋର ଅଗସ୍ତି, ମିୟୋଗରଞ୍ଜନ ପାତ୍ର, ବଜରଙ୍ଗ ଲାଲ ଅଗ୍ରୱାଲ, କିଶୋର ବାଗ, ନନ୍ଦଲାଲ ବାରିକ, ପଦ୍ମନାଭ ପାତ୍ର, ନନ୍ଦକିଶୋର ପ୍ରଧାନୀ, ଶ୍ରୀମତୀ ସବିତା ଚଟର୍ଜୀ, ଅଧାପକ ଆଲୋକ ରଥ, ଶିରୀଶଙ୍କର ବାରିକ, ନୁର ମହମ୍ମଦ, ଗୋପାଳ ଦାସ, ମହେନ୍ଦ୍ର କୁମାର ଯୋଷୀ, ମହେନ୍ଦ୍ର ଜଗତ, ଜିତେନ୍ଦ୍ର ସାହୁ, ଆଦିତ୍ୟ ପଣ୍ଡା, ରାଜୀବ କୁମାର ପାଣ୍ଡେ, ରାମଚନ୍ଦ୍ର ବେହେରା, ଆଦିତ୍ୟ ନାରାୟଣ ସିଂ,ରିତେଶ ଦାସ ପ୍ରମୁଖ ସହଯୋଗ କରିଥିଲେ । ବୋଡ଼େନ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଅବନୀ କୁମାର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ଶତାଧିକ ଗବେଷକ, ଗବେଷିକା, ବୁଦ୍ଧିଜୀବୀ ଓ ଛାତ୍ର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ସ୍ୱର୍ଣ୍ଣ ପଦକ ଜିଣି ଜିଲ୍ଲା ପାଇଁ ଗର୍ବ ଆଣିଲେ ରୁନିତା

କନ୍ଧମାଳ,୩/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ପାଇଁ ଗର୍ବ ଆଉ ଗୌରବ ଆଣିଲେ ରୁନିତା ପ୍ରଧାନ । ଦାରିଙ୍ଗବାଡି ନୀଳକନ୍ଦର ସାହିର ନିବାସୀ ବିଶିକେଶନ ପ୍ରଧାନ ଓ ମାତା ସନ୍ତୋଷୀନି ପ୍ରଧାନଙ୍କ ଝିଅ ରୁନିତା ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଅଧୟନ କରୁଥିଲେ । ସେ ୨୦୨୧ ମସିହା ରେ ବିଶ୍ୱ ବିଦ୍ୟାଳୟସ୍ତରୀୟ ( ଏମ୍ ଏ ଇନ ପଲିଟିକାଲ ସାଇନ୍ସ) ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଶ୍ୱ ବିଦ୍ୟାଳୟ ସ୍ତରରେ ସ୍ୱର୍ଣ ପଦକ ହାସଲ କରି କନ୍ଧମାଳ ଜିଲ୍ଲା ତଥା ଦାରିଙ୍ଗବାଡି ପାଇଁ ପ୍ରଥମ ମହିଳା ଭାବେ ଗୌରବ ଅର୍ଜନ କରିପାରିଛନ୍ତି । ସେ ତାଙ୍କ ଯୋଗ୍ୟତା ପାଇଁ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସୋନାଲି ଦେଓ ମେମୋରିଆଲ ଓ ଗଗନ ବିହାରୀ ଚାନ୍ଦ ମେମୋରିଆଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏବଂ ବନମାଳୀ ପଟନାୟକ ଅର୍ଥ ରାଶି ପୁରସ୍କାର ପାଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଏମକେସିଜି ଅଡିଟୋରିୟମରେ ଆୟୋଜିତ ୫୧ ତମ ସମ୍ୱର୍ତନ ଉତ୍ସବରେ ଦାରିଙ୍ଗବାଡ଼ିର ଏହି ଛାତ୍ରୀ ଜଣକର ସବୁଠାରୁ ଅଧିକ ମାର୍କ ଥିବା ହେତୁ ଏହି ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି । ସୂଚନା ପ୍ରକାରେ, ରୁନିତାଙ୍କ ପିତା ବିଶିକେଶନ ପ୍ରଧାନ ଛୋଟ ମୋଟ ବ୍ୟବସାୟ କରୁଥିବା ବେଳେ ମାତା ସନ୍ତୋସିନୀ ତାଙ୍କୁ ସହଯୋଗ କରୁଛନ୍ତି । ବର୍ତମାନ ପୁରସ୍କୃତ ହୋଇଥିବା ରୁନିତା ପ୍ରଥମରୁ ୩ୟ ଡବେରୀ ସେବାଶ୍ରମରେ ଅଧୟନ କରିଥିବା ବେଳେ ୪ର୍ଥରୁ ୫ମ ଦାରିଙ୍ଗବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଷଷ୍ଠରୁ ଅଷ୍ଟମ ମହାସିଙ୍ଗ ଓ ନବମରୁ ୧୦ମ ସରକାରୀ ଉଚ୍ଚ ବିଦ୍ୟାଳୟ ଦାରିଙ୍ଗବାଡ଼ିରେ ପାଠ ପଢ଼ିଥିବା ବେଳେ ଉଚ୍ଚ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରମାଦେବୀ କଲେଜ ଠାରୁ ଆରମ୍ଭ କରି ଉତ୍କଳ ବିଶ୍ୱ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଏମ.ଏ. ପାଠ୍ୟକ୍ରମ ଶେଷ କରିଛନ୍ତି । ରୁନିତା ଙ୍କ ଏଭଳି ସଫଳତା ପାଇଁ ଅଂଚଳବାସୀଙ୍କ ସମେତ ତାଙ୍କ ସହପାଠୀ ତାଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ରୁନିତା ଦାରିଙ୍ଗବାଡ଼ି ପାଇଁ ଗର୍ବ ଓ ଗୌରବ ଆଣିବା ନେଇ ଅଂଚଳବାସୀ ଖୁସି ପ୍ରକାଶ କରିଛନ୍ତି ।

# କୋଦଳା ଏନଏସିରେ ଜଳ ସ୍ୱଛତା ଦିବସ ପାଳିତ

ଗଞ୍ଜାମ,୩/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋଦଳା ଏନଏସିରେ ସମୂହ ସ୍ୱଛତା ଦିବସ ପାଳିତ ହୋଇଯାଇଛି । କୋଦଳା ବିଜ୍ଞାପିତ ଅଂଚଳର ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉକ୍ତ ଏନଏସିକୁ ଏକ ସ୍ୱଚ୍ଛ, ପ୍ଲାଷ୍ଟିକମୁକ୍ତ ଏନଏସିରେ ପରିଣତ କରିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ସପ୍ତାହର ପ୍ରତ୍ୟେକ ସୋମବାର ଦିନ ହେବାକୁ ଥିବା ବେଳେ ଅଧକ୍ଷଙ୍କ କାର୍ଯ୍ୟ ଶୈଳୀକୁ ବେଶ୍ ପ୍ରଶଂସା କରିଛନ୍ତି କୋଦଳା ବାସୀ । ଏହା ସହ ଜଳର ଅପବ୍ୟବହାର ନକରିବା ପାଇଁ ଜଳ ହିଁ ଜୀବନ ନାରା ଦେଇ ଏକ ସଚେତନତା ବାର୍ତା ଦିଆଯାଇଥିଲା । ୧୨ ନଂ ୱାର୍ଡ ରାମଚନ୍ଦ୍ରପୁର ପୋଖରୀକୁ ସଫା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କୋଦଳା ଏନେସିର ପରିମଳ ସ୍ୱଛତା ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡି, ୱାର୍ଡ କାଉନସିଲର ରିତାଞ୍ଜଳି ମିଶ୍ରଙ୍କ ସମେତ ସମାଜସେବୀ ଓ ସଫେଇ କର୍ମଚାରୀ ଭାଗ ନେଇଥିଲେ ।

# ଫୁଲବାଣୀରେ ସମ୍ବାଦିକ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ

କନ୍ଧମାଳ ,୩/୦୫ (ନି.ପ୍ର): ରବିବାର ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘ ର ୩୮ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ମଇ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଥିଲ ।

ଏହି ଅବସରରେ ମୁଖ୍ୟଅତିଥି ଭାବେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହର, ରାଜ୍ୟ ସଂଘ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ନଗରପାଳ ସ୍ମିତାରାଣି ମହାନ୍ତି,ବରୀଷ୍ଠ ସାମ୍ବାଦିକ ତଥା ଆଇଏଫଡବ୍ଲ୍ୟୁ ଜେର କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ତ୍ରୀପାଠୀ , ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ବୃତିଗତ ସୁରକ୍ଷା ଉଚିତ ପାରିଶ୍ରମିକ ଯୋଗାଇଦେଲେ ସମ୍ବାଦ ପ୍ରକାଶ କରିବାରେ ଅଧିକ ସ୍ୱଛତା ଓ ନିରପେକ୍ଷତା ରହିବ ଓ ଏହା ଏକ ଶକ୍ତିଶାଳୀରାଷ୍ଟ୍ର ଗଠନରେ ସହାୟତା ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ସେହିପରି ଏହି ଅବସରରେ ମୁଖ୍ୟବକ୍ତା ଭାବେ ବରୀଷ୍ଠ ପ୍ରଶାସକ ତଥା ଉପ ଜିଲାପାଳ ଶେଷଦେବ ମିଶ୍ର ଯୋଗ ଦେଇ ସାମ୍ବାଦିକମାନେ ସର୍ବଦା ସଠିକ ତଥ୍ୟ ପ୍ରକାଶ କରିବା ଓ ନିରପେକ୍ଷତା ଉପରେ ଧାନ ଦେବା ଜରୁରୀ ବୋଲି କହିଥିଲେ । କନ୍ଧମାଳ ଜିଲ୍ଲା ସଂଘ ସଭାପତି ଡଃ.ଅରୁପ ଜେନା ଏ ଥିରେ ସଭାପତିତ୍ୱ କରିଥିବାବେଳେ ବରୀଷ୍ଠ ସାମ୍ବାଦିକ ତଥା ରାଜ୍ୟସ୍ତରୀୟ ଉତ୍ସବ କମିଟିର ଅଧକ୍ଷ ସୁନୀଲ ପଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଘ ସାଧାରଣ ସଂପାଦକ ଜୟସେନ ପରୀଡ଼ା ସଂଘର ବାର୍ଷୀକ ବିବରଣୀ ପାଠ କରିଥିଲେ । ଅଶୋକ ପରୀଡା ଅତିଥି ପରିଚୟ ସାଙ୍ଗକୁ ମଂଚ ପରିଚାଳନା କରିଥିଲେ ।

ଏହି ଅବସରରେ ରାଷ୍ଟ୍ର ଗଠନରେ ଗଣମାଧମର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ପରେପରେ ଜିଲ୍ଲାର ବରୀଷ୍ଠ ସାମ୍ବାଦିକ ଏମଡି .ନାଜିର ଅ ।ଖତାର, ମହାଦେବ ସାହୁ, ବିଜୟ ମହାନ୍ତି. ଡ଼ଅରୁପ ଜେନା, ରବୀ ଦାସ, ଶିଶିର ପଟ୍ଟନାୟକ ବିଦ୍ୟାଧର ପାଳ, ନାରାୟଣ ସାହୁ, ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସମାଜସେବା କ୍ଷେତ୍ରରେ ସ୍ୱାତୀ, ଶାନ୍ତି ମୈତ୍ରୀ, ବନବାସୀ ସେବା ସମିତି, ସାହାରା ପ୍ରମୁଖ ସଂଗଠନର ମୁଖ୍ୟ.୪ଟି ଓଡ଼ିଆସିନେମା ନିର୍ମାଣ କରୁଥିବା ପ୍ରଜ ଯୋକ ଓ ସିନେଅଭିନେତା ପ୍ରଶାନ୍ତ ନାଏକ, କଣ୍ଠ ଶିଳ୍ପିଓ କଳାକାର ଜଳନ୍ଧର ବେହେରା (ଜେ. ଡି) ସମାଜ ସେବା ମହମ୍ମଦ ଜିଆଉଦ୍ଦିନ ପ୍ରମୁଖ ୨୧ମୋଟଜଣ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଲାଙ୍ଗିରରେ ଜିଲ୍ଲପାଳ ଓ ଏସ୍‌ପିଙ୍କର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ବଲାଙ୍ଗିର ,୩/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ମାସର ପ୍ରଥମ ସୋମବାର ଆଜି ୨ ମଇ ୨୦୨୨ରେ ବଲାଙ୍ଗୀର ଜିଲ୍ଲାପାଳ ଓ ଏସ୍ ପି ଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଚଂଚଲ୍ ରାଣା ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଳକାର ଅତିରିକ୍ତ ଜିଲାପାଳ ଅନନ୍ତ ସିଂ ଲାଗୁରୀ, ପି ଡି ଡି ଆର୍ ଡିଏ ସୁଶାନ୍ତ କୁମାର ସିଂହ, ପି ଡି ସହରାଂଚଳ ସୁଦର୍ଶନ ସାଏ, ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଧର ଧରୁଆ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବି ଡି ଓ ତହସିଲଦାର ଉପସ୍ଥିତ ଥିଲେ । ଏହି ଶିବିରରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୧୧୩ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୯୦ଟି ବ୍ୟକ୍ତିଗତ ଅବଶିଷ୍ଟ ୭୩ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ୧୮ ଗୋଟି ଅଭିଯୋଗ ର ସମାଧାନ ଓ ବଳକା ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଦିଆଯାଇଛି । ଜନଅଭିଯୋଗ ଶୁଣାଣୀରେ ୧୧ ଚିକିତ୍ସା ସହାୟତା ବାବାଦରେ ୩୯ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଦିଆଯାଇ ଥିଲାବେଳେ ଜଣଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଛି । ଜିଲାପାଳ ଓ ଏସ୍ ପି ଚେକ୍ ମାଧମରେ ଜନଶୁଣାଣିବେଳେ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ ଆଗାମୀ ସୋମବାର ୯ ତାରିଖ ସକାଳ ୮ଟାରେ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ୨୩ ତାରିଖ ସକାଳ ୮ ଟାରେ ଆଗଲପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ହେବ ।

# ସୁନ୍ଦର ନଖ ପାଇଁ

ସୁନ୍ଦର ଚେହେରା ସମସ୍ତଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ଏଥିପାଇଁ ମୁହଁରେ ନାନା ପ୍ରକାର ମେକଅପ୍ ନିଆଯାଇଥାଏ । ସୁନ୍ଦର ମୁହଁ ସହିତ ସୁନ୍ଦର ହାତର ମଧ ଆବଶ୍ୟକତା ରହିଛି । ହାତର ସୌନ୍ଦର୍ଯ୍ୟ ବଢ଼ାଉଥିବା ନଖର ସ୍ୱତନ୍ତ୍ର ଯତ୍ନ ନେବା ନିହାତି ଦରକାର । ସାଧାରଣତଃ ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନେଲ ପେଣ୍ଟ ଲଗାଇ ଏହା ଢ଼େର ହୋଇଗଲା ବୋଲି ଭାବନ୍ତି । ମାତ୍ର ଏକଥା ଭୁଲି ଯାଆନ୍ତି ଯେ, କେବଳ ନେଲ ପେଣ୍ଟ ଲଗାଇଲେ ନଖ ସୁନ୍ଦର ହୁଏ ନାହିଁ । ଏଥିପାଇଁ ନଖ ସ୍ୱାସ୍ଥ୍ୟପ୍ରଦ ହେବା ଦରକାର ।



### ସୁନ୍ଦର ନଖ ପାଇଁ କିଛି ପରାମର୍ଶ....







- ଆପଣ ଯଦି ନଖ ଭଲ ଭାବେ ବଢ଼ିବାକୁ ଚାହୁଁଥାନ୍ତି ତାହେଲେ ଏହାକୁ ସମୟେ ସମୟେ ଟ୍ରିମ କରାନ୍ତୁ ।
- ପାର୍ଲର ଯାଇ ମାନିକ୍ୟୋର କରାନ୍ତୁ । ଏହା ନଖ ପାଇଁ ଜରୁରୀ ।
- ନଖର ଫାଇଲିଂ ଗୋଟିଏ ଦିଗରେ କରନ୍ତୁ ।
- ନଖକୁ ଟାଣ କରାଇବା ପାଇଁ ଦିନେ ଛାଡ଼ି ଦିନେ ୨୦ମିନିଟ୍ ପାଇଁ ନଖକୁ ଅଲିଭ ତେଲରେ ବୁଡ଼ାନ୍ତୁ ।
- ମଏଶ୍ଚରାଇଜରରେ ନଖକୁ ମାଲିସ୍ କରାନ୍ତୁ ।
- କ୍ୟାଲସିୟମରେ ଭରପୂର ସାମଗ୍ରୀ ଖାଆନ୍ତୁ ।
- ଲେମ୍ବୁ, ରସ, ଗୋଲାପଜଳ, ମେହେନ୍ଦୀ ପତ୍ର ନଖକୁ ସୁନ୍ଦର କରାଏ ।
- ଲୁଗାପଟା ପରିଷ୍କାର କରିବା, ପରିବା କାଟିବା ଦ୍ୱାରା ନଖ ଖରାପ ହୋଇଥାଏ ।
- ଅଧିକରୁ ଅଧିକ ପାଣି ପିଇବାକୁ ଚେଷ୍ଟା କରନ୍ତୁ ।
- କ୍ଷତିକାରକ ସାବୁନ ଓ ପାଉଡର, କ୍ଷାର ଜଳ, ଗରମ ପାଣି ଓ ଅତ୍ୟଧିକ ତାପରୁ ନଖକୁ ସୁରକ୍ଷା ଦିଅନ୍ତୁ ।

# ସ୍ୱାସ୍ଥ୍ୟ ପାଇଁ ହିତକାରୀ ତେଲ




ଅତ୍ୟାଧୁନିକ ଜୀବନଶୈଳୀ ଓ ବିଦେଶୀ ଖାଦ୍ୟପାନୀୟ ପଛରେ ନଧାଇଁବା ନିମନ୍ତେ ଆମ ଖାଦ୍ୟ ବିଶେଷଜ୍ଞମାନେ ବରାବର ପରାମର୍ଶ ଦେଉଛନ୍ତି । କାରଣ ବିଦେଶୀ ଫଳ, ପନିପରିବା ଆମ ଦେଶୀ ଜଳବାୟୁରେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବା ବଦଳରେ ଶରୀର ହାନି ହୋଇଥାଏ । ଏଣୁ ବଜାରରେ ମିଳୁଥିବା ଦାମୀ ଅଲିଭ ତେଲ ପଛରେ ନଧାଇଁ ବରଂ ସୋରିଷ ତେଲ, ନଡ଼ିଆ ତେଲ ଓ ସୂର୍ଯ୍ୟମୁଖୀ ତେଲର ଉପଯୋଗ ନିୟମିତ ବ୍ୟଞ୍ଜନରେ କରିବା ଖୁବ୍ ହିତକାରୀ ।

ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଭରପୂର ସୋରିଷ ତେଲରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଲୌହ ମହଜୁନ୍ ଥିବାବେଳେ ଏହା ମଧ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ୁଥିବାର ପରୀକ୍ଷାରୁ ଜଣାପଡ଼ିଛି । ଅପମିଶ୍ରିତ ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକାରୀ ନୁହେଁ । ଶୁଦ୍ଧ ସୋରିଷ ତେଲ ରକ୍ତସଞ୍ଚାଳନ ବଢ଼ାଇବା ସହ ହୃଦ ରୋଗରୁ ରକ୍ଷା କରେ ।

ନଡ଼ିଆ ତେଲ ରନ୍ଧା ଖାଦ୍ୟ ମଧ ଦେହ ପାଇଁ ଖୁବ୍ ଭଲ । ଭିଟାମିନ୍ ବି’ ଓ ଏ’ ସହ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ଏହି ତେଲ ପ୍ରସ୍ତୁତ ବ୍ୟଞ୍ଜନ ଖାଦ୍ୟ ଶୀଘ୍ର ହଜମ କରାଏ । ଆଜିକାଲି ବଜାରରେ ଏସବୁ ଉପଲବ୍ଧ ହେଉଛି ।

# ୧୨୨ବର୍ଷ ତଳେ ପ୍ରଥମ ହୃଦଯନ୍ତ୍ର ଅସ୍ତ୍ରୋପଚାର



ଏବର ଅତ୍ୟାଧୁନିକ ଚିକିତ୍ସାଶୈଳୀରେ ପୁରାତନ ଯୁଗର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆମେ ଅବଗତ ନୁହଁ । ସେ ସମୟରେ କିନ୍ତୁ ଶଲ୍ୟ ଚିକିତ୍ସା ଖୁବ୍ ଜଟିଳ ପ୍ରକ୍ରିୟାଥିଲା । କାରଣ ବର୍ତ୍ତମାନ ପରି ସଂଖ୍ୟାଧିକ ସୁବିଧାସୁଯୋଗ ଉପଲବ୍ଧ ନଥିଲା । ଆଜିକୁ ୧୨୨ ବର୍ଷ ତଳେ ୧୮୯୬ ସେପ୍ଟମ୍ବର ୭ରେ ବିଶ୍ୱର ପ୍ରଥମ ସଫଳ ହୃଦଯନ୍ତ୍ର ଅପରେସନ ହୋଇଥିଲା । ସେସମୟର ଲୋକପ୍ରିୟ ହୃଦ-ଶଲ୍ୟ ବିଶେଷଜ୍ଞ ଭାବେ ଜଣାଯାଉଥିବା ଜର୍ମାନୀର ଡାକ୍ତର ଲୁଡୱିଗ୍ ରେନ୍ ଏହି ଅପରେସନ୍ କରିଥିଲେ । ୨୨ବର୍ଷୀୟ ଜଣେ ଯୁବକଙ୍କୁ ଛୁରୀରେ ଜଣେ ଦୁର୍ବୃତ୍ତ ଆକ୍ରମଣ କରିଥିଲେ । ତାଙ୍କ ହୃଦଯନ୍ତ୍ର ଚାରିପାଖରେ ଗଭୀର କ୍ଷତ ହୋଇଥିଲା । ଡାକ୍ତର ରେନ୍ ଏହି ରୋଗୀଙ୍କୁ ତୁରନ୍ତ ଅପରେସନ୍ ମାଧ୍ୟମରେ ଚିକିତ୍ସା ଆରମ୍ଭ କରିଥିଲେ । ୫ଘଣ୍ଟା ପର୍ଯ୍ୟନ୍ତ ଅପରେସନ ଚାଲିଥିବାବେଳେ ତାଙ୍କୁ ଅନ୍ୟ ଜଣେ କନିଷ୍ଠ ଡାକ୍ତର ମଧ ସହାୟତା କରିଥିଲେ । ଡାକ୍ତର ରେନଙ୍କର ଏହି ପଦକ୍ଷେପ ପୂରା ବିଶ୍ୱସ୍ତରରେ ପରିଚିତ ହୋଇଥିଲା ।



# ହୋଟେଲରେ ଡାଇନୋସର କରୁଛି ସ୍ୱାଗତ



ଜ୍ଞାନକୌଶଳର କରାମତିରେ ବର୍ତ୍ତମାନ ସବୁକିଛି ସମ୍ଭବପର । ଏଇ କିଛିଦିନ ହେବ, ଜାପାନର ରାଜଧାନୀ ଟୋକିଓର ପୂର୍ବଭାଗରେ ଥିବା ଏକ ହୋଯେଲରେ ଗ୍ରାହକଙ୍କ ମନୋରଞ୍ଜନ ପାଇଁ ଭିନ୍ନ ସେବା ଆରମ୍ଭ ହୋଇଛି । ଗ୍ରାହକ ହୋଟେଲର ରିସେପ୍ସନ୍‌ରେ ପହଞ୍ଚି କୌଣସି ତଥ୍ୟ ଜାଣିବାକୁ ଚାହିଁଲେ, ସମ୍ମୁଖରୁ ୨ଟି ବୃହତ ଡାଇନୋସର ଆସି ସବୁ ତଥ୍ୟ ଦେବେ । ଭୟଭୀତ ନ ହୋଇ ବରଂ ସେମାନଙ୍କ ଦୂଚନା ଶୁଣିବାକୁ ଗ୍ରାହକଙ୍କୁ ସେଠାରେ ଲିଖିତ ଭାବେ ଅନୁରୋଧ କରାଯାଇଛି । କାରର ଏମାନେ ହେଲେ ରୋବଟ୍ ଚାଳିତ ଡାଇନୋସର । ତେବେ ଦୁର୍ବଳମନା ବ୍ୟକ୍ତି ଏଇ ହୋଟେଲକୁ ନ ଆସିବାକୁ ମଧ ସୂଚନା ଦିଆଯାଇଥିବାର ପ୍ରକାଶ । ହୋଟେଲ ରିସେପ୍ସନ ନିକଟରେ ଲାଗିଥିବା ସେନସର ଅନୁସାରେ ରୋବଟ୍ ଡାଇନେସର ପରିଚାଳିତ ହୋଇଥାଏ । ଇଂରାଜୀ ଜାପାନୀ ଚୀନ କୋରିଆ ଇତ୍ୟାଦି ଭାଷାରେ ଡାଇନୋସର କଥା କହିପାରିଥାଏ । ଏହା ସହ ପ୍ରତ୍ୟେକ କକ୍ଷରେ ରହିଛି ଗ୍ରାହକଙ୍କ ନିମନ୍ତେ ମିନି ରୋବଟ୍ । ଏମାନେ ଖାଦ୍ୟ ବରାଦଠାରୁ ଆରମ୍ଭ କରି ବିଛଣା ସଜାଡ଼ିବା, ଟିଭିର ଚ୍ୟାନେଲ ପରିବର୍ତ୍ତନ କରିବା ଆଦି ସବୁ କାମ କରିପାରନ୍ତି । ହୋଯେଲର ଦିନପିଛା ଭଡ଼ା ୭୦ ହଜାର ଟଙ୍କାରୁ ଦେଢ଼ଲକ୍ଷ ଯଙ୍କା ପର୍ଯ୍ୟନ୍ତ ରହିଥିବାର ଜଣାପଡ଼ିଛି ।

# ପାରମ୍ପରିକ ପୋଲର କାହାଣୀ ୫୦୦ବର୍ଷ ପୁରାତନ



ଏକବିଂଶ ଶତାବ୍ଦୀରେ ଆମେ ପହଞ୍ଚି ମଧ ପୁରାତନ ନିୟମ ଓ ପରମ୍ପରା ସହ ଘନିଷ୍ଠତାର ସହ ବାନ୍ଧିହୋଇରହିଛେ । ଏହାର ଏକ ସୁନ୍ଦର ଉଦାହରଣଟିଏ ହେଲା ପେରୁର ଆଦିବାସୀ ଗ୍ରାମ କୁଜକୋର ପାରମ୍ପାରିକ ପୋଲ । ଆଦିବାସୀ ଲୋକେ ଏକ ପାର୍ବତୀୟ କ୍ଷେତ୍ରରେ ରହୁଛନ୍ତି । ସେଠାର ଏମ୍ପୁରିମିକ୍ ନଦୀ ଉପରେ ନିର୍ମିତ ପୋଲ ସହ ନିକଟସ୍ଥ ସହରର ଯୋଗାଯୋଗ ରହିଛି । ୨୨୦ ଫୁଟ୍ ଉଚ୍ଚତା ଓ ୧୧୮ ଫୁଟ୍ ଲମ୍ବା ଏହି ପୋଲରେ ଦୈନିକ ଶହଶହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନେ ନିୟମିତ ଯାଆସ କରନ୍ତି । ଏଇ ପୋଲ ନିର୍ମାଣ ପଛରେ ସୁନ୍ଦର ଲୋକକଥା ରହିଛି । ପ୍ରାୟ ୫୦୦ ବର୍ଷ ତଳର ଘଟଣା । ପର୍ବତର ଆଦିବାସୀ ବାହାର ନୁଦିଆ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । କାରଣ ଯୋଗାଯୋଗର ଏକମାତ୍ର ମାଧ୍ୟମ ଥିଲା ନଦୀ । ତେବେ ନଦୀ ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ଅଧିକାଂଶ ଯାତ୍ରୀବାହୀ ଡଙ୍ଗା ବୁଡ଼ିଯାଉଥିଲା । ସେ ସମୟରେ ଲୋକେ ଚିନ୍ତା କଲେ ପୋଲଟିଏ ତିଆରି ହୋଇପାରିଲେ ଯୋଗାଯୋଗ ସମ୍ଭବ ହୋଇପାରନ୍ତା । ପର୍ବତର ଜଙ୍ଗଲୀ ଘାସରେ ମଜବୁତ୍ ଦଉଡ଼ି ତିଆରି କରି ତାହାକୁ ପୋଲ ନିମନ୍ତେ ବ୍ୟବହାର କରାଗଲା । ଗତ ୫୦୦ ବର୍ଷ ହେଲାଣି, ସେଠା ନିୟମ ଅନୁସାରେ ପ୍ରତି ବର୍ଷ ନୂଆ ଦଉଡ଼ିରେ ପୋଲ ତିଆରି କରାଯାଏ । ଗ୍ରାମର ବୟୋଜ୍ୟେଷ୍ଠ ଲୋକଙ୍କ କହିବାନୁସାରେ, ଯେତେ ଝଡ଼ ବତାସ ହେଲେ ମଧ ପୋଲ ତାଙ୍କର ଭାଙ୍ଗେନାହିଁ । ୧୦୦ ଫୁଟ୍ ଲମ୍ବ, ଏହି ପୋଲ ଚଳିତଥର ମାତ୍ର ୩ଦିନରେ ଗାଁଲୋକେ ତିଆରି କରିପାରିଛନ୍ତି । ୨୦୧୩ରେ ଏଇ ପୋଲକୁ ‘ବିଶ୍ୱ ଐତିହ୍ୟ’ରେ ସ୍ଥାନ ଦିଆଯାଇଛି । ପର୍ଯ୍ୟଟକମାନେ ମଧ ପୋଲର ଏ ଦୃଢ଼ତା ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରନ୍ତି ।

# ବ୍ୟଞ୍ଜନରେ ଏସବୁ ମସଲାର ଆବଶ୍ୟକତା



ଆମ ଭାରତୀୟ ବ୍ୟଞ୍ଜନରେ ବିଭିନ୍ନ ପ୍ରକାର ମସଲାର ଉପଯୋଗ ହିଁ ଖାଦ୍ୟକୁ ଅଧିକ ସୁସ୍ୱାଦୁ କରିଥାଏ । କାହିଁ କେଉଁକାଳରୁ ଏସବୁର ବ୍ୟବହାର ଭାରତୀୟ ରୋଷାଳରେ ହୋଇଆସୁଛି । ଯଥାମାତ୍ରାରେ ବିଭିନ୍ନ ହାତତିଆରି ମସଲା ଦୈନିକ ଖାଦ୍ୟ ତିଆରିବେଳେ ଉପଯୋଗ କଲେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ବିଶେଷଜ୍ଞଙ୍କ ମତ। ନିୟମିତ ଶୁଦ୍ଧ ହଳଦୀର ବ୍ୟବହାର ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ । ବଜାରର ପ୍ୟାକେଟ ହଳଦୀ କିଣିବା ପରିବର୍ତ୍ତେ ବରଂ ଖଣ୍ଡ ହଳଦୀକୁ ଗୁଣ୍ଡ କରି ଉପଯୋଗ କରିପାରିବେ । ହଳଦୀ ଆମ ରକ୍ତକୁ ପରିଷ୍କାର କରିବା ସହ ପେଟ ସମସ୍ୟାରୁ ଦୂରରେ ରଖେ । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହଳଦୀକୁ ଖିରରେ ମିଶାଇ ମଧ ପିଇହେବ । ଜିରା, ଏହାର ଉପଯୋଗରେ ବ୍ୟଞ୍ଜନ ଏକ ଭିନ୍ନ ବାସ୍ନା ସହ ସ୍ୱାଦ ହୋଇଥାଏ । ଜିରାକୁ ଅଳ୍ପ ଭାଜି ଗୁଣ୍ଡ କରି ତାହାକୁ ଦହି ସହ ମିଶାଇ ଖାଇଲେ ଅମ୍ଳ ସମସ୍ୟା ଦୂର ହେବା ସହ ମନ ଶାନ୍ତ ରହିଥାଏ। ବିଭିନ୍ନ ପ୍ରକାର ମୋଗଲାଇ ବ୍ୟଞ୍ଜନରେ ଜିରା ଏକ ପ୍ରମୁଖ ମସଲା ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଇଛି । ଜିରା ସାମାନ୍ୟ ବ୍ୟବହାରରେ ଏହା ଆମ ପାଚନ ସମସ୍ୟା ଦୂର କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଧନିଆ ଗୁଣ୍ଡ ମଧ ବିଭିନ୍ନ ବ୍ୟଞ୍ଜନର ସ୍ୱାଦକୁ ପରିବର୍ତ୍ତନ କରେ । ଧନିଆ ଗୁଣ୍ଡ ବ୍ୟବହାର କଲେ ପେଟର ଅମ୍ଳ ଦୋଷ ଦୂର ହେବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଓ ପରିସ୍ରା ଜ୍ୱାଳା କମ୍ ହୁଏ ।

ଲବଙ୍ଗ ପରି ଆଣ୍ଟିସେପଟିକ୍ ମୁହଁର ଦୂର କରିବା ସହ ହଜମ କ୍ଷମତା ବଢ଼ାଇଥାଏ ।

# ଯୁଦ୍ଧ ବେଳର ଖାଦ୍ୟ ‘ଡାଲ-ବାଟି ଚୁରମା’



ଆଜି କେବଳ ଭାରତ ନୁହେଁ, ବରଂ ବିଦେଶରେ ମଧ ଏଇ ରାଜସ୍ଥାନୀ ଖାଦ୍ୟ ‘ଡାଲ-ବାଟି ଚୁରମା’ ଉପଲବ୍ଧ ହେଲାଣି । ଆମ ଦେଶର ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶରେ ଏଇ ପାରମ୍ପାରିକ ବ୍ୟଞ୍ଜନର ଭିନ୍ନଭିନ୍ନ ସୁଆଦ ମିଳିଥାଏ । ଜୟପୁର, ମେୱାର, ଯୋଧପୁର, ବିକାନେର, ଜଏସେଲମେର, ଉଦୟପୁରରେ ଡାଲ-ବାଟି ବ୍ୟଞ୍ଜନ ମିଳୁଥିବା ସଂଖ୍ୟାଧିକ ଦୋକାନର ଭିଡ଼ ଦେଖିବାକୁ ମିଳେ । ତେବେ ଇତିହାସ ପୃଷ୍ଠାରୁ ଜଣାଯା, ଯେ ଡାଲ-ବାଟିର ମୂଳଦୁଆ ମେୱାରରେ ହୋଇଥଇଲା । ଯୁଦ୍ଧ ସମୟରେ ରାଜପୁତମାନେ ମାସମାସ ଧରି ଯୁଦ୍ଧ ଭୂମିରେ ଅତିବାହିତ କରୁଥିଲେ । ସେସୟର ଖାଦ୍ୟପାନୀୟ ମଧ ସେମାନଙ୍କ ନିମନ୍ତେ ଅନ୍ୟତମ ପ୍ରମୁଖ ଆବଶ୍ୟକତା ଥିଲା । ଏଣୁ ରାଜାଗରର ରୋଷେୟା ସେଇ ସମୟରେ କମ୍ ପାଣିର ଉପଯୋଗରେ ଦେଶୀ ଘିଅରେ ପ୍ରସ୍ତୁତ ‘ଡାଲ-ବାଟି’ ଦ୍ରୁତ କରୁଥିଲେ । ଏଇ ବ୍ୟଞ୍ଜନ ଶରୀରକୁ ଶକ୍ତି ଯୋଗାଇବା ସହ ଦିନିଦିନ ଧରି ଖରାପ ମଧ ହେଉନଥିଲା । ମେୱାରରେ ଆଜି ମଧ ଯୁଦ୍ଧ ବେଳର ଖାଦ୍ୟ ଭାବେ ‘ଡାଲ-ବାଟି ଚୁରମା’ ଜଣାଯାଉଛି ।

# ସାପ, ବିଛା, କଙ୍କଡ଼ାଙ୍କ ସହ ଚା’-କଫିର ମଜା



ବିଶ୍ୱର ଦ୍ରୁତ ଗତିରେ ଅଗ୍ରଗତି ହେଉଛି, ଏହା ବିଭିନ୍ନ ଦୃଷ୍ଟାନ୍ତରୁ ସ୍ପଷ୍ଟ ହେଉଛି । ପ୍ରାଚୀନ କାଳରେ ଘରଦ୍ୱାର ପରି ସୁବିଧା ନ ଥିବାରୁ ମନୁଷ୍ୟଜାତି ବଣଜଙ୍ଗଲରେ ସରୀସୃପ ଓ ହିଂସ୍ରଜନ୍ତୁଙ୍କ ଗହଣରେ ରହିବାକୁ ବାଧ ହେଉଥିଲା । ଏବେ କିନ୍ତୁ ଲୋକେ ବିଳାସମୟ ବାସଭବନରେ ରହିବା ସତ୍ତ୍ୱେ ନିଜ ଚାରିପାଖରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ରଖିବାକୁ ପସନ୍ଦ କରୁଛନ୍ତି । ଲୋକଙ୍କ ଚିନ୍ତାଧାରା ହିଁ ପରିବର୍ତ୍ତନ ହେଉଛି କହିଲେ ଭୁଲ ହେବନାହିଁ । ନିକଟରେ କାମ୍ବୋଡିଆର ରାଜଧାନୀ ନାମ-ପେନରେ ଥିବା ଏକ ଚା କେଫେକୁ ନେଇ ପୂରା ବିଶ୍ୱ ଗଣମାଧ୍ୟମ ଓ ସୋରସିଆଲ ସାଇଟରେ ଜୋର ଚର୍ଚ୍ଚା ଚାଲିଛି । କାରର ଏହା ବୋଧହୁଏ ବିଶ୍ୱର ପ୍ରଥମ କେଫେ, ଟେଉଁଠାରେ ସରୀସୃପଙ୍କ ସହ ଗ୍ରାହକଙ୍କୁ ଚା କଫି ପରଷା ଯାଉଛି । କେଫେର ମାଲିକ ଚିରେଟି କହିଛନ୍ତି, ଲୋକମାନେ ଏବେ ଗ୍ୟାଜେଟ୍ ପଛରେ ଧାଉଁଛନ୍ତି । ଆମ ପ୍ରାକୃତିକ ପରିବେଶ ପ୍ରତି ଅନେକ ଅବହେଳା କରୁଛେ । ଏଣୁ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ସେ ଏହି ‘ରେପ୍ଟାଇଲ ଥିମ’ ଯୁକ୍ତ କେଫେରୁ ଶୁଭାରମ୍ଭ କରିଛନ୍ତି । କେଫେର ମୁଖ୍ୟ ଦ୍ୱାର ନିକଟରେ ଏକ ବୃହତ କାଚ ବାକ୍ସ ରହିଛି, ସେଥିରେ ବିଭିନ୍ନ ପ୍ରଜାତିର ସରୀସୃପ ରଖାଯାଇଛି । ସାପ, ବିଛା, କଙ୍କଡ଼ା, ଛୋଟ କୁମ୍ଭୀର ଇତ୍ୟାଦି । ସାପମାନଙ୍କ ବିଷ ଦାନ୍ତ ଭଙ୍ଗାଯାଇଥିବା ବେଳେ ଅନ୍ୟ ପ୍ରାଣୀଙ୍କ ନିମନ୍ତେ ମଧ ସେଭଳି ବନ୍ଦୋବସ୍ତ କରାଯାଇଥିବା ପ୍ରକାଶ । ଗ୍ରାହକ ଚା ଓ କଫି ପିଉଥିବାବେଳେ ଏମାନଙ୍କ ସହ ଫଟୋ ଉଠାଇ ପାରିବେ । ତେବେ ବର୍ତ୍ତମାନ ସୁଦ୍ଧା ଏଠାରେ ଗ୍ରହକ ସଂଖ୍ୟା ସେଭଳି ବଢ଼ିନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଢୁଥିବା ଉତ୍ତାପ...

ସକାଳ ସାତଟା। ତୁଣୀରରୁ ତୀର ବାହାରି ଆସିଲା ଭଳି ବାହାରି ଆସୁଛି ସୂର୍ଯ୍ୟ ରଶ୍ମୀ। ତୀର ଭଳି ଚାଏଁ ଚାଏଁ ଗଳି ଯାଉଛି ଦେହରେ। ଅସହ୍ୟ ତାତି, ଏମିତିକି ସକାଳ ପହରୁ। ଏୟା ହେଉଛି ଅବସ୍ଥା- କେବଳ ଓଡ଼ିଶାର ଅଧିକାଂଶ ସହରର ନୁହେଁ, ବରଂ ସାରା ଭାରତର ଅଧିକାଂଶ ରାଜ୍ୟର। ଛୁଂଚି ଭଳି ଦେହକୁ ଫୋଡ଼ି ପକାଉଥିବା ଥିବା ଏପ୍ରିଲ ମାସର ଏଇ ଖରା ପରେ ମେ' ମାସରେ ଅସ୍ୱାଭାବିକ ଢ଼ଙ୍ଗରେ ଅଂଶୁଘାତ ସୃଷ୍ଟି କରିବା, ବିଶେଷକରି ଦେଶର ଉତ୍ତର ଓ କେନ୍ଦ୍ରାଂଚଳରେ ଏଭଳି ଅବସ୍ଥା ସୃଷ୍ଟି କରିବାକୁ ଯାଉଛି ଖରା- ଏମିତି ସୂଚନାଟିଏ ମିଳି ସାରିଲାଣି। ୧୯୦୦ ମସିହା, ଅର୍ଥାତ ୧୧୨ ବର୍ଷ ପରେ ଏ ବର୍ଷ ଏପ୍ରିଲ ମାସରେ ୧ ତାରିଖଠୁ ୨୮ ତାରିଖ ଭିତରେ ଦେଶର ଉତ୍ତର-ପଶ୍ଚିମ ଓ କେନ୍ଦ୍ରାଂଚଳରେ ସର୍ବାଧିକ ଯଥାକ୍ରମେ ୩୫.୯ ଓ ୩୭.୭୮ ଡିଗ୍ରୀ ସେଲସିୟସ ତାପମାତ୍ରା। ଏଇଥିରୁ ଅନୁମାନ କରାଯାଇପାରେ ଜଳବାୟୁ ପରିବର୍ତ୍ତନ କି ଧରଣର ବିପର୍ଯ୍ୟୟ ସୃଷ୍ଟି କରୁଛି ଭାରତୀୟ ଉପମହାଦେଶରେ ଗ୍ରୀଷ୍ମ ଋତୁରେ, ଯେତେବେଳେ କି ଆଗରୁ ଏଇ ସମୟରେ ଉତ୍ତାପ ବୃଦ୍ଧି ଯେଉଁ ପରିମାଣରେ ହେଉଛି, ସେଥିରୁ ଜନସାଧାରଣଙ୍କ ଅତ୍ୟଧିକ ସତର୍କ ରହିବା ନିମନ୍ତେ ସୂଚନା ପ୍ରଦାନ କରିବାର ସଙ୍କେତ ମିଳୁଛି। ଏମିତିକି ଉପକୂଳବର୍ତ୍ତୀ ଅଂଚଳଗୁଡ଼ିକ, ଯେଉଁଠି ହାରାହାରି ତାପମାତ୍ରା ୪୦ ଡିଗ୍ରୀ ସେଲସିୟସସ ତଳକୁ ରହି ଆସିଛି, ସେହିସବୁ ଅଂଚଳରେ ମଧ୍ୟ ପ୍ରକୃତ ପକ୍ଷେ ଅନୁଭବ କରି ହେଉଥିବା ତାପମାତ୍ରା ପାରଦର ନିଷେଧାତ୍ମକ ୧୫ରୁ ୧୬ ଡିଗ୍ରୀ ସେଲସିୟସ୍ ଉପରକୁ ରହୁଥିବା ଲକ୍ଷ୍ୟ କରାଯାଇଛି ଏବଂ ଗୁଳୁଗୁଳିର ମାତ୍ରା ଗୋଟିଏ ଦିନରେ ୮୫ ପ୍ରତିଶତ ଅଧିକ ରହିଥିବା ମାପ କରାଯାଇଛି। ଏଥିରୁ ଜଣାପଡୁଛି ଯେ ଜଳବାୟୁର ଅବସ୍ଥା ସବୁ ଲୋକଙ୍କ ପାଇଁ ଅସ୍ୱାସ୍ଥ୍ୟକର ହୋଇଚାଲିଛି ଏବଂ ଯେଉଁମାନେ ବିପଦୋନ୍ମୁଖ , ଯଥା ଛୋଟପିଲା, ଦୀର୍ଘଦିନ ପର୍ଯ୍ୟନ୍ତ ଅସୁସ୍ଥତା ଭୋଗ କରୁଥିବା ବ୍ୟକ୍ତି, ବୃଦ୍ଧାବସ୍ଥାରେ ଥିବା ଲୋକମାନେ ତଥା ଗରିବ ଲୋକମାନଙ୍କ ପାଇଁ ଅଧିକ ବିପଜ୍ଜନକ ପାଲଟୁଛି। ଭାରତୀୟ ପାଣିପାଗ ବିଭାଗ ପ୍ରକାଶ କରିଛି ଯେ କେନ୍ଦ୍ର ଓ ପଶ୍ଚିମ ଭାରତ ଆଶାନୁରୂପ ଭାବରେ ଗ୍ରୀଷ୍ମ ଲହରୀକୁ ସାମନା କରିବାକୁ ଯାଉଥିବାବଳେ ଏବଂ ଏହା ଅଧିକରୁ ଅଧିକ ସଂଖ୍ୟାରେ ଭୋଗ କରିବାକୁ ଯିବାର ସମ୍ଭାବନା ରହିଥିବାବେଳେ ଅବଶିଷ୍ଟ ଭାଗ ମାର୍ଚ୍ଚ ଓ ଏପ୍ରିଲ ମାସ ଭଳି ଖରାକୁ ପ୍ରତ୍ୟକ୍ଷ କରିବାର ସମ୍ଭାବନା କ୍ଷୀଣ। ସର୍ବାଧିକ ତାପମାତ୍ରା ଯେତେବେଳେ ୪୦ ଡିଗ୍ରୀ ସେଲସିୟସରୁ ଉପରକୁ ରୁହେ ଏବଂ ନିହାତି କମ୍‌ରେ ସ୍ୱାଭାବିକ ତାପମାତ୍ରାରେ ୪.୫ ଡିଗ୍ରୀ ଉପରେ ରୁହେ, ସେତେବେଳେ ଅଂଶୁଘାତ ସୃଷ୍ଟିର କାରଣ ପାଲଟୁ ଥିବା ଗ୍ରୀଷ୍ମ ଲହରୀ ପ୍ରଭାବିତ ହେବା ନେଇ ଘୋଷଣା କରାଯାଇଥାଏ। କିନ୍ତୁ ଅତ୍ୟଧିକ ଗ୍ରୀଷ୍ମ ଲହରି ସମ୍ପର୍କରେ ସେତିକି ବେଳେ ଘୋଷଣା କରାଯାଏ, ଯେତେବେଳେ ତାପମାତ୍ରା ସ୍ୱାଭାବକଠାରୁ ୬.୪ ଡିଗ୍ରୀ ସେଲସିୟସରୁ ଅଧିକ ରହିଥାଏ ବୋଲି ପ୍ରକାଶ କରିଛି ଆଇଏମଡି। ଅତ୍ୟଧିକ ଗ୍ରୀଷ୍ମ ବା ଉତ୍ତାପ ଲହରୀର କାରଣଗୁଡ଼ିକ ହେଉଛି, ଖରାଦିନେ ପଶ୍ଚିମ ପଟୁ ମେଘ ବହନ କରି ଆଣୁଥିବା ବାଦଲଗୁଡ଼ିକ ବା କାଳବୈଶାଖୀର ଅଭାବ, ଯାହା ଉତ୍ତର ଭାରତ ଉପର ଦେଇ ଭୂମଧ୍ୟ ସାଗରରୁ ଝଡ଼ ଓ ବାତ୍ୟାକୁ ସାଙ୍ଗରେ ନେଇ ଆସିଥାଏ। ଅପରପକ୍ଷରେ, ପ୍ରଶାନ୍ତ ମହାସାଗରର କେନ୍ଦ୍ରାଂଚଳରେ ସୃଷ୍ଟି ହେଉଥିବା ଶୀତଳ ତାପମାତ୍ର ବା ଲାନିନ, ଯାହା ସାଧାରଣତଃ ଭାରତରେ ବୃଷ୍ଟିପାତକୁ ସୁହାଇଥାଏ, ତାହା ଏ ବର୍ଷ ବୃଷ୍ଟିପାତକୁ ଆମନ୍ତ୍ରିତ କରିବାରେ ବିଫଳ ହୋଇଛି। ଏହା ଏକ ଅସ୍ୱାଭାବିକ ଘଟଣା। ଉତ୍ତାପଜନିତ ମୃତ୍ୟୁହାର କ୍ଷେତ୍ରରେ ସମଗ୍ର ପୃଥିବୀରେ ଭାରତ ଏବଂ ବ୍ରାଜିଲ ସର୍ବାଗ୍ରେ ରହିଛନ୍ତି। ଏହା ଏକ ନିଚ୍ଛକ ବାସ୍ତବତା ଯେ ସବୁ ଲୋକଙ୍କୁ ଏସି ବା ବାତାନୁକୂଳିତ ଘରେ ରଖିହେବ ନାହିଁ କି କର୍ମ କ୍ଷେତ୍ରରେ କାମ କରିବାର ସୁଯୋଗ ପ୍ରଦାନ କରାଯିବା ସମ୍ଭବପର ନୁହେଁ। ତେଣୁ ଖରାର ଦାଉରୁ ନିଜର ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଲୋକମାନଙ୍କର ନିଜର। ଏଥିପାଇଁ ଦିନର ଅତ୍ୟଧିକ ଖରା ହେଉଥିବା ସମୟରେ ଲୋକମାନେ ବାହାରକୁ ନ ବାହାରି ଘରେ ରହିବା ଉଚିତ୍, ଯାହା ଆଦୌ ସୁଖଦ ନୁହେଁ। କିନ୍ତୁ ଜୀବନ ଆଗରେ ଅନ୍ୟ ସବୁ ତୁଚ୍ଛ।

## ଡାଇରେକ୍ଟ ଆକ୍ସନର ଅଭ୍ୟାସ

ସୌମେନ୍ଦ୍ର ଜେନା

ବିଗତ ଦିନମାନଙ୍କରେ ଭାରତର ଭିନ୍ନ ଭିନ୍ନ ରାଜ୍ୟଗୁଡିକରେ ଘଟିଯାଇଥିବା ଘଟଣାଗୁଡିକୁ ଯଦି ତଳେଇ ଦେଖାଯାଏ ତେବେ ଜଣାପଡିବ ଯେ ଏକ ବଡ ବିସ୍ଫୋରଣର ପ୍ରାକ୍ ପ୍ରସ୍ତୁତି ପର୍ବରେ ଆମେ ଫୋଟକା ଫୁଟିବାର ଶବ୍ଦଶୁଣୁଛୁ କିମ୍ବା ଆଲୋକର ଝଲକ ଆଖିରେ ଦେଖିବାକୁ ପାଉଛୁ । ଏହିସବୁ ଘଟଣାଗୁଡିକ ଭିନ୍ନ ଭିନ୍ନ ରାଜ୍ୟରେ ଏବଂ ପରିସ୍ଥିତିରେ ଘଟିଥିଲେ ମଧ ଏସବୁର ଏକ ବଡ ସୂତ୍ର ରହିଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ । କିନ୍ତୁ ସମ୍ବିଧାନରେ ବିଶ୍ୱାସ ରଖି କୋର୍ଟ କଚେରୀ ଉପରେ ଭରସା ରଖୁଥିବା ଲୋକେ ଜାଣିବା ଦରକାର ଯେ ସମାଜରେ ଯେ ପର୍ଯ୍ୟନ୍ତ ଆଇନକାନୁନ୍ ଠିକ୍‌ଥାଏ ସେ ପର୍ଯ୍ୟନ୍ତ ଗଣତନ୍ତ୍ର ଥାଏ କିମ୍ବା ଅଦାଲତ ଥାଏ । କିନ୍ତୁ ଯେତେବେଳେ ଦେଶର ପୋଲିସ ବାହିନୀଠାରୁ ଶକ୍ତିଶାଳୀ ସନ୍ତ୍ରାସୀ ସଂଗଠିତ ହୁଅନ୍ତି, ସେତେବେଳେ କୌଣସି ସମ୍ବିଧାନ, ଆଇନକାନୁନ କିମ୍ବା ସରକାର ଲୋକମାନଙ୍କୁ ସୁରକ୍ଷା ଦେଇପାରିନଥାନ୍ତି । ଏହାର ଉଦାହରଣ ଆମ ସମ୍ମୁଖରେ ହେଉଛି ଆଫଗାନିସ୍ଥାନ । ଆଜି ସେଠାରେ ଗଣତନ୍ତ୍ର, ସମ୍ବିଧାନ ଏବଂ ଅଦାଲତକୁ ବିଶ୍ୱାସ କରୁନଥିବା ଗୋଷ୍ଠୀ ସରକାରକୁ ଆସିଲା ପରେ ଗଣତାନ୍ତ୍ରିକ ସରକାର, ନେତା, ମନ୍ତ୍ରୀ ଓ ଅଧିକାରୀଗଣ ଦେଶଛାଡି ବାହାରକୁ ଗଲେ କିମ୍ବା ସନ୍ତ୍ରାସୀଙ୍କ ଗୁଳିମାଡ ଖାଇ ମାଟିରେ ମିଶିଲେ । ସେଠାକାର ସେନାବାହିନୀ ଆତ୍ମସମର୍ପଣ କଲା, ବିଦେଶୀ ରାଷ୍ଟ୍ରର ଷଡଯନ୍ତ୍ରରେ ସନ୍ତ୍ରାସବାଦୀଙ୍କ ହାତରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରମାନ ପଡିଲା । ଆଉ ଆଜି ସେଠାରେ ପୋଲିସ ହୋଇଛି ସନ୍ତ୍ରାସବାଦୀ, ସାମ୍ବାଦିକ ମଧ ସନ୍ତ୍ରାସବାଦୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ମଧ ସନ୍ତ୍ରାସବାଦୀ । ସେମାନେ ସରକାରକୁ ଆସିଲାପରେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଥିବା ସନ୍ତ୍ରାସବାଦୀ ଏବଂ ସେମାନଙ୍କ ସହାୟକ ସଂଗଠକ, ସମର୍ଥକମାନଙ୍କୁ ସଂଗଠିତ କରି ସନ୍ତ୍ରାସୀ ଶାସନ ବ୍ୟବସ୍ଥାର ପ୍ରଚଳନ ପାଇଁ ପ୍ରୟାସ ଚଳାଇଛନ୍ତି । ଏହାର ପ୍ରମାଣ ସ୍ୱରୂପ ନିକଟରେ ଜାମ୍ମୁ କାଶ୍ମିରରେ ସନ୍ତ୍ରାସବାଦୀଙ୍କ ପାଖରୁ ଆମେରିକା ନିର୍ମିତ ଅତ୍ୟାଧୁନିକ ବନ୍ଧୁକ ମିଳିଛି, ଯାହା ଆମେରିକା ସେନାବାହିନୀ ନିଜ ଦେଶକୁ ଫେରିଯିବା ବେଳେ ସେସବୁକୁ ଆଫଗାନିସ୍ଥାନରେ ଛାଡିଯାଇଥିଲେ । ଏଥିରୁ ପ୍ରମାଣିତ ଯେ ଭାରତରେ ସନ୍ତ୍ରାସପାଇଁ ଆଫଗାନିସ୍ଥାନ ସନ୍ତ୍ରାସୀ ଗୋଷ୍ଠୀଙ୍କ ଯୋଜନା ଚାଲୁରହିଛି । ଏହି ଯୋଜନା ପଛରେ ପଡୋଶୀ ରାଷ୍ଟ୍ର ପାକ-ଚୀନର ଷଡଯନ୍ତ୍ର ଆର୍ଥିକ ସହାୟତା ଦେଉଛି । ଏହାଛଡା ଅନେକ ଦେଶୀ ବିଦେଶୀ ଭାରତ ବିରୋଧୀ ସେମାନଙ୍କ ସଂଗଠନ, ସେମାନଙ୍କ ପତ୍ରପତ୍ରିକା, ସମ୍ବାଦପତ୍ର, ସୋସିଆଲ ମିଡିଆ, ବ୍ୟକ୍ତିବିଶେଷଙ୍କ ଅପପ୍ରଚାର ଜାରି ରହିଛି । ଯେଉଁ କାରଣରୁ କୋରୋନା ସମୟରେ ଟୀକାକରଣକୁ ଦେଶରେ ବିରୋଧ, ହିଜାବକୁ ନେଇ ହତ୍ୟାକାଣ୍ଡ, ରାମନବମୀ ଶୋଭାଯାତ୍ରା ଉପରେ ୮ଟି ରାଜ୍ୟରେ ରକ୍ତାକ୍ତ ଆକ୍ରମଣ ଓ ଦଙ୍ଗା, ବାଇବେଲକୁ ଶିକ୍ଷାନୁଷ୍ଠାନରେ ବାଧ୍ୟତାମୂଳକ କରିବାର ପ୍ରଚେଷ୍ଟା, ପାଟିଆଲା ସହରରେ ଖଲିସ୍ଥାନ ବିରୋଧୀ ଶୋଭାଯାତ୍ରା ଉପରେ ସଶସ୍ତ୍ର ଆକ୍ରମଣ, ପଶ୍ଚିମବଙ୍ଗରେ ରେଳସିଟି ଯୋଗୁ ନମାଜପାଠରେ ଅସୁବିଧା ଅଭିଯୋଗରେ ରେଳ ଷ୍ଟେସନରେ ନମାଜୀଙ୍କ ଭଙ୍ଗାରୁଜା, ଜିହାଦ ନାମରେ ଇସଲାମର ସମାଲୋଚକଙ୍କୁ ଭଡାଟିଆ ଅପରାଧୀଙ୍କୁ ଲଗାଇ ଗୁଜୁରାଟ ଏବଂ ହରିୟାଣାରେ ହତ୍ୟା ପରି ଘଟଣା ଘଟିଯାଇଥିବା ଦେଖିବାକୁ ମିଳିଛି । ଟ୍ରମ୍ପଙ୍କ ଆଗମନରେ ନୂଆଦିଲ୍ଲୀରେ ମୁସଲିମ ଦଙ୍ଗାକାରୀଙ୍କ ଆକ୍ରମଣରେ ୫୦ ଅଧିକ ଲୋକ ମରିଥିଲେ । ଏବେ ସମାନ ଢଙ୍ଗରେ ସେହି ପୁରୁଣା ଅଞ୍ଚଳ ଜାହାଙ୍ଗୀରପୁରୀରେ ଦଙ୍ଗା ହୋଇଛି, ଯାହାକୁ ପୋଲିସ କିମ୍ବା ପ୍ରଶାସନ ଅଟକାଇବାକୁ ସକ୍ଷମ ହୋଇନାହିଁ । ରାମନବମୀରେ ଓଡିଶାର ବଡବିଲ ସମେତ ଦେଶର ୮ଟି ରାଜ୍ୟରେ ଶୋଭାଯାତ୍ରା ଉପରେ ସଂଗଠିତ ଆକ୍ରମଣ ହୋଇଛି । ଓଡିଶାରେ ପୋଲିସର ଉପସ୍ଥିତିରେ, ପୋଲିସର ଅନୁମତିକ୍ରମେ ଚାଲିଥିବା ୪ଜଣିଆ ପତାକାବାହକଙ୍କ ଉପରେ ୧୫ରୁ ଅଧିକ ମୁସଲିମ ଲୋକ ଆକ୍ରମଣ କରିବା ପରି ଘଟଣା ଘଟିଛି ଯାହାକୁ ପୋଲିସ ରୋକିବାକୁ ସକ୍ଷମ ହୋଇନାହିଁ । ସେମିତି ମହାରାଷ୍ଟ୍ର, କେରଳ, ତାମିଲନାଡୁ ତେଲେଙ୍ଗାନା, ପଶ୍ଚିମବଙ୍ଗ, ରାଜସ୍ଥାନ, କର୍ଣ୍ଣାଟକ ପରି ରାଜ୍ୟରେ ସଂଗଠିତ ହିଂସାକାଣ୍ଡ ଓ ଦଙ୍ଗାମାନ ହୋଇଛି । ଭାରତରେ ସଂଗଠିତ ଦଙ୍ଗା ବିଷୟରେ ଗବେଷଣା କରୁଥିବା ଜଣେ ଜେଏନ୍‌ୟୁର ମୁସଲିମ ଗବେଷକ ଆସାମ ସମେତ ସଂପୂର୍ଣ୍ଣ ଉତ୍ତର ପୂର୍ବାଞ୍ଚଳକୁ କିପରି ସହଜରେ ଭାରତଠାରୁ ଅଲଗା କରିହେବ ସେ ନେଇ ଆନ୍ଦୋଳନକାରୀଙ୍କୁ ଦେଉଥିବା ଦଙ୍ଗାଗୋଳ ପ୍ରଶିକ୍ଷଣମୂଳକ ଭାଷଣ ଆମେ ପୂର୍ବରୁ ମିଡିଆ ମାଧ୍ୟମରେ ଦେଖିଛେ ଏବଂ ଶୁଣିଛେ ମଧ ।

କୋରୋନାର କଷ୍ଟ ଏବଂ ରୁଷ-ୟୁକ୍ରେନ ଯୁଦ୍ଧକାଳୀନ ବିଶ୍ୱବ୍ୟାପି ଅସ୍ଥିରତା ମଧ୍ୟରେ ଭାରତ ମହାମାରୀର ମୁକାବିଲା ଚାଷୀଙ୍କୁ ସହାୟତା ପ୍ରଦାନ । ମାଗଣା ଦେଶବ୍ୟାପି ଟିକାକରଣ, ରେକର୍ଡ ପରିମାଣରେ ଖାଦ୍ୟଶସ୍ୟର ଉତ୍ପାଦନ ଏବଂ ରପ୍ତାନି, ପ୍ରତିରକ୍ଷା କ୍ଷେତ୍ରରେ ସ୍ଥାନୀୟ ଉତ୍ପାଦନ ବୃଦ୍ଧି ସହ ବାରମ୍ବାର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ, ଆର୍ଥିକ ସଙ୍କଟରେ ପଡିଥିବା ଆଫଗାନିସ୍ଥାନ ଏବଂ ଶ୍ରୀଲଙ୍କାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ, ଶତ୍ରୁ ରାଷ୍ଟ୍ର ପାକ-ଚୀନର ଷଡଯନ୍ତ୍ରକୁ ବାରମ୍ବାର ବିଫଳ କରିବା, ବିବିଧ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ଭାରତ ପ୍ରୟାସ କରିବା, ଯୁଦ୍ଧକାଳରେ ଆମେରିକା-ରୁଷ ମଧ୍ୟରେ ସନ୍ତୁଳିତ ସଂପର୍କ ରକ୍ଷା, ଅନେକ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା ଏବଂ ଆଲୋଚନା କ୍ଷେତ୍ରରେ ଭାରତର ସଫଳତାକୁ ବିଶ୍ୱର କିଛି ଗୋଷ୍ଠୀ ସହଜରେ ହଜମ କରିପାରୁନାହାନ୍ତି । ଯେଉଁଥିପାଇଁ ବର୍ଷାଧିକ କାଳ ଆନ୍ଦୋଳନରତ ପଞ୍ଜାବର ଚାଷୀମାନେ ଏମ୍‌ଏସ୍‌ପିରେ କ୍ଷତି ସହୁଥିଲା ବେଳେ ମୁକ୍ତ ବଜାରକୁ ଗ୍ରହଣ କରିବା ସପକ୍ଷରେ ଥିବା ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟର ଗହମଚାଷୀଙ୍କ ଅଧିକ ଦରରେ ଗହମ ବିକ୍ରି କରି ଲାଭ କରିବା ପରି ଘଟଣା ଆମେ ଦେଖିବାକୁ ପାଉଛୁ । ଯେଉଁଠି ରାଜରାସ୍ତାକୁ ବନ୍ଦ କରି ଆନ୍ଦୋଳନ କରୁଥିବା ଲୋକଙ୍କୁ ଅଦାଲତ ରାଜ୍ୟସରକାର, ବିଦେଶୀ ଦେଶୀ ଦଲାଲଙ୍କଠାରୁ ନେତାମାନଙ୍କ ପର୍ଯ୍ୟନ୍ତ ସୁରକ୍ଷା ଦେଇଥିବା ଲୋକେ ଆଜି ପ୍ରତିଯୋଗିତାର ବଜାରରେ ପଞ୍ଜାବର ଚାଷୀ ପଛରେ ପଡିଥିଲା ବେଳେ ସାହାଯ୍ୟ କରିବା ପାଇଁ ନାହାନ୍ତି । ନକାରାତ୍ମକତାକୁ ଦେଶର ଜନତାଠାରୁ ବ୍ୟବସ୍ଥାରେ ଥିବା ଲୋକେ ସମର୍ଥନ କରୁଥିବା ବେଳେ ଚାଷୀ ଏବେ ଅସହାୟ, କମ୍ ମୂଲ୍ୟ ପାଇବାକୁ ବାଧ୍ୟ । ଯାହାକୁ କହନ୍ତି ଆପଣା ହସ୍ତେ ଜିହ୍ୱାଛେଦି, କେ ଅଛି ତାର ପ୍ରତିବାଦୀ । ଏସବୁ ଷଡଯନ୍ତ୍ରର ପରିଣତି ମାତ୍ର ।

ଦେଶର ବିଭାଜନ ପୂର୍ବରୁ ୧୯୪୬ରେ ଯେପରି ବ୍ୟାପକ ସଂଗଠିତ ଦଙ୍ଗାଗୋଳ ଭାରତରେ ହୋଇଥିଲା ଏବେ ଠିକ୍ ସେମିତି ପରିସ୍ଥିତି ସୃଷ୍ଟି ହେଲା ପରି ଜଣାପଡୁଛି । ସେତେବେଳେ ପାକିସ୍ଥାନ ଗଠନ ପାଇଁ ଦାବିକରି ଲଢୁଥିବା ମୁସଲିମ ଲିଗ ଲୋକେ ଯେପରି ରକ୍ତପାତ ମାଧ୍ୟମରେ ପାକ୍‌ଗଠନ ପାଇଁ ଧମକ ଦେଉଥିଲେ ଏବଂ ହାଇଦ୍ରାବାଦର ନିଜାମ ପାକ୍‌ର ସମର୍ଥନରେ ବିଷୋଦଗାର କରୁଥିଲେ । ଠିକ୍ ସେମିତି ଏବେ ହାଇଦ୍ରାବାଦର ସାସଂଦ ଓୱାଇସୀ ତାଙ୍କ ଟ୍ୱିଟରରେ ଦେଶବ୍ୟାପି ଦଙ୍ଗାଗୋଳର ଭୟ ଦେଖାଇଛନ୍ତି । ୨୦କୋଟି ( ମୁସଲିମ) ଜନତାଙ୍କ ମଧ୍ୟରୁ ଯଦି କିଛି ମୌଳବାଦୀ ଲୋକ ହିଂସାକୁ ପ୍ରତିବାଦର ଅସ୍ତ୍ରରୂପେ ଗ୍ରହଣ କରନ୍ତି ତେବେ ଭାରତର ରାଜ୍ୟଗୁଡିକ କଣ ସେହି ସୁରକ୍ଷାର ଆହ୍ୱାନକୁ ମୁକାବିଲା କରିପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ଅତୀତରେ ବଙ୍ଗଳାର ସୁରାବର୍ଦ୍ଦି ଏବଂ ପାକିସ୍ଥାନର ଜନକବୋଲି କୁହାଯାଉଥିବା ମହମ୍ମଦ ଅଲ୍ଲି ଜିନ୍ନା ସମାନ ଭାଷାରେ କହି ମୁସଲିମ ଲୋକଙ୍କୁ ଦଙ୍ଗାଗୋଳ ପାଇଁ ପ୍ରୋତ୍ସାହିତ କରିଥିଲେ, ଯେଉଁ କାରଣରୁ ସାରା ଦେଶରେ ପାକ୍ ଗଠନ ପାଇଁ ବ୍ୟାପକ ହିନ୍ଦୁ ଗଣହତ୍ୟା ହୋଇଥିଲା । ନୂଆଖାଲିଠାରୁ କୋଲକାତା ପର୍ଯ୍ୟନ୍ତ ରକ୍ତର ନଦୀ ବହିଥିଲା । ଯଦି ଦେଖାଯାଏ ହାଇଦ୍ରାବାଦର ମୁସଲିମ ସାଂସଦଙ୍କ ଏହା ପ୍ରଶ୍ନ ନୁହେଁ ବରଂ ପ୍ରଶ୍ନ ଆଳରେ ରାଷ୍ଟ୍ରପାଇଁ ଧମକ ବୋଲି ଗ୍ରହଣ କରିବାକୁ ହେବ । ଦିଲ୍ଲୀ ଦଙ୍ଗାରୁ ନେଇ ଜହାଙ୍ଗୀରପୁରୀ ହିଂସାପରି ସଫଳ ପ୍ରକଳ୍ପ ପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଆସିଛି ଯେ ୧୯୪୬ରେ ଡାଇରେକ୍ଟ ଆକ୍ସନ ପରି କାମ ଖୁବ୍ ସହଜରେ କରାଯାଇପାରେ । ଆଉ ଭାରତର ସରକାର ତାକୁ ରୋକିବାକୁ ବିଫଳ ହେବେ । ଦେଖିବାକୁ ଗଲେ ତାଙ୍କର ଏହି ବିଶ୍ୱାସ ଅନେକ ପରିମାଣରେ ସତ୍ୟ । କାରଣ ଭାରତର ରାଜ୍ୟ ସରକାରମାନେ ସେହିସବୁ ଦଙ୍ଗାକୁ ରୋକିବାକୁ ପୂରାପୁରି ଅସମର୍ଥ ହୋଇଛନ୍ତି । ରାଜ୍ୟ ପୋଲିସ ପ୍ରଶାସନ, ଗୋଇନ୍ଦା ବ୍ୟବସ୍ଥା ସମେତ ପୂରା ବ୍ୟବସ୍ଥା ମୌଳବାଦୀଙ୍କ ନିକଟରେ ବିଫଳ ହେଲାପରି ଜଣାପଡୁଛନ୍ତି । ଯେମିତି ଜଣାଯାଉଛି ପୁନର୍ବାର ଏପରି ସୁନିୟୋଜିତ ଢଙ୍ଗରେ ଦଙ୍ଗା ହେଲେ ରାଜ୍ୟର ବ୍ୟବସ୍ଥା ବିଫଳ ହେବ । କାରଣ ରାଜ୍ୟମାନଙ୍କର ଶାସନ ବ୍ୟବସ୍ଥା ଏବେ ବି ଗଭୀର ନିଦ୍ରାସକ୍ତ ଅବସ୍ଥାରେ ରହିଛି । ତା ନ ହେଲେ ଅନେକ ରାଜ୍ୟରେ ଦଙ୍ଗାଗୋଳକୁ ସରକାର ରୋକିବାକୁ ଏମିତି ଅକ୍ଷମ ହୋଇନଥାନ୍ତେ । ଡାଇରେକ୍ଟ ଆକ୍ସନର ଏହି ଅଭ୍ୟାସରେ ଅନେକଗୁଡିଏ ରାଜ୍ୟରେ ମୌଳବାଦୀମାନେ ସଫଳ ହୋଇଛନ୍ତି । ନିକଟରେ ଦେଶର ପଶ୍ଚିମଭାଗର ପଞ୍ଜାବ ଏବଂ ରାଜସ୍ଥାନରୁ ମହାରାଷ୍ଟ୍ରକୁ ଖଣ୍ଡା ଚାଲାଣ ହେବାବେଳେ ତିନିଥର ପୁଲିସ ସେସବୁ ଧରିଛି । ବିଶେଷକରି ବିଦେଶରେ ଥିବା ଖାଲିସ୍ଥାନୀ ଏବଂ ଆଇଏସ୍‌ଆଇ ଗୋଷ୍ଠୀ ସେମାନଙ୍କ ନେଟୱାର୍କରେ ଥିବା ଲୋକଙ୍କ ମାଧ୍ୟମରେ ଦଙ୍ଗାଗୋଳ ପାଇଁ ଏପରି ଖଣ୍ଡାସବୁ ଭିନ୍ନ ଭିନ୍ନ ରାଜ୍ୟକୁ ଚାଲାଣ କରିବାରେ ଲାଗିପଡିଛନ୍ତି ।

ଚଳିତବର୍ଷ ମାର୍ଚ୍ଚ ୩୦ରେ ମହାରାଷ୍ଟ୍ର ରାଜ୍ୟର ପୁନେ ସହର ଅନ୍ତର୍ଗତ ଚିଞ୍ଚୱାଡଠାରେ ପଞ୍ଜାବର ଅମୃତସରରୁ ପଠାଯାଇଥିବା ୩୭ଟି ଖଣ୍ଡାକୁ ପୋଲିସ ଧରିଥିଲା । ପଞ୍ଜାବରୁ ମନିନ୍ଦର ନାମକ ବ୍ୟକ୍ତି କୋରିଅର କମ୍ପାନୀ ପାର୍ସଲରେ ମହାରାଷ୍ଟ୍ରର ଅହମ୍ମଦନଗରକୁ ପଠାଇଥିବା ୯୨ଟି ଖଣ୍ଡାକୁ ଔରଙ୍ଗାବାଦ ନିକଟରେ ଧରାଯାଇଥିଲା । ଏପ୍ରିଲ ମାସ ୨୭ ତାରିଖ ଦିନ ମହାରାଷ୍ଟ୍ର ପୋଲିସ ରାଜସ୍ଥାନର ଜୟପୁରରୁ ଜାଲନାକୁ ଏକ ସ୍କର୍ପିଓ ଗାଡିରେ ପଠାଯାଇଥିବା ୯୦ଟି ଖଣ୍ଡାକୁ ଧୂଳେ ଜିଲ୍ଲାର ସୋନଗିର ଗ୍ରାମଠାରେ ଜବତ କରିଛି । ସେହି ଘଟଣାରେ ପୁଲିସ ମହମ୍ମଦ ସରିଫ ମହମ୍ମଦ ସଫିକ୍ (୩୫), ଶେଖ ଇଲିଆସ ଶେଖ୍ ଲତିଫ୍ (୩୨), ସୟଦ ନୟି ସୟଦ ରହିମ୍ (୨୯) ଏବଂ ଦଭାଡେ (୩୫)କୁ ଗିରଫ କରିଛି । ଏମାନେ ସମସ୍ତେ ଜାଲନା ଜିଲ୍ଲାର ବାସିନ୍ଦା ବୋଲି ପୋଲିସ କହିଛି । ଉପରୋକ୍ତ ତିନୋଟି ଘଟଣାରୁ ସ୍ପଷ୍ଟ ଯେ ଦେଶରେ ଦଙ୍ଗାଗୋଳ ପାଇଁ ଲକ୍ଷଲକ୍ଷ ଟଙ୍କାର ଅସ୍ତ୍ରଶସ୍ତ୍ର ଭିନ୍ନ ଭିନ୍ନ ରାଜ୍ୟକୁ ଚାଲାଣ ହେବାରେ ଲାଗିଛି। ଏହିସବୁ ଅସ୍ତ୍ରଶସ୍ତ୍ରର ପାହାଡ ଉପରେ ବସି କେତେଦିନ ରାଜ୍ୟର ପୁଲିସ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବେ ତାହା ଏବେ ବିରାଟ ପ୍ରଶ୍ନବାଚୀ। ତେଣୁ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁ ରାଜ୍ୟର ସରକାରମାନେ ଏଭଳି ଘଟଣାବଳୀକୁ ଚେତାବନୀ ସଦୃଶ ଗ୍ରହଣ କରି ବ୍ୟାପକ ଚଢାଉକରି ଦଙ୍ଗାକାରୀଙ୍କ ନେଟୱାର୍କକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତୁ। ଏ ସଂପର୍କରେ ସାଧାରଣ ଲୋକଙ୍କୁ ମଧ ସଚେତନ କରାଇବାକୁ ପ୍ରୟାସ କରନ୍ତୁ, ନଚେତ ବାପ ପୁଅ ଦୁହେଁ ରାତି ଅନିଦ୍ରା ଥିଲା ପରି କେନ୍ଦ୍ର-ରାଜ୍ୟ ସରକାରଙ୍କ ଅବସ୍ଥା ହେବ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ନିତ୍ୟାନନ୍ଦ କାନୁନ୍‌ଗୋ



ଡ଼ଃ.ଅରୁନ୍ଧତୀ ଦେବୀ

ନିତ୍ୟାନନ୍ଦ କାନୁନ୍‌ଗୋ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ମନ୍ତ୍ରୀ ଏବଂ ଗୁଜୁରାଟ ଓ ବିହାରର ରାଜ୍ୟପାଳ ଥିଲେ। ରେଭେନ୍ସା କଲେଜିଏଟ୍ ସ୍କୁଲ ଓ କଲେଜରେ ପାଠ ପଢ଼ିଥିଲେ। ତାଙ୍କ ସହପାଠୀ ଥିଲେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିକୁଞ୍ଜ କିଶୋର ଦାସ ପ୍ରମୁଖ। ବି.ଏ. ଉତ୍ତୀର୍ଣ୍ଣ ପରେ କଲିକତାରେ ଆଇନ ଶିକ୍ଷା କରିଥିଲେ। ପରେ କଟକ ଆସୁ ସୁଭାଷ ଚନ୍ଦ୍ର ବୋଷଙ୍କ ପିତା ଜାନକୀନାଥ ବୋଷଙ୍କ ଅଧୀନରେ ଜଣେ ଜୁନିଅର ଓକିଲ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟରେ ଇଂରେଜ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରୁ ନିତ୍ୟାନନ୍ଦ ଓକିଲାତି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୫୨ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରୁ ସାଂସଦ ରୂପେ ବିଜୟୀ ହୋଇ, କେନ୍ଦ୍ରମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଶିଳ୍ପ ବିଭାଗର ମନ୍ତ୍ରୀ ଥିବାବେଳେ ତାଙ୍କ ପ୍ରଚେଷ୍ଟାରେ ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ପ୍ରତିନିଧି ଭାବେ ସେ ୟୁରୋପ ଓ ମଧ୍ୟ ପ୍ରାଚ୍ୟର ବିଭିନ୍ନ ରାଷ୍ଟ୍ର ଗସ୍ତ କରି ଦେଶର ନୀତି ଓ ଆଦର୍ଶକୁ ପ୍ରଚାର ପ୍ରସାର କରାଇଥିଲେ। କେନ୍ଦ୍ର ସଂଗୀତ ନାଟକ ଓ ନୃତ୍ୟ ଏକାଡେ଼ମୀର ସଦସ୍ୟ ଭାବେ ନିତ୍ୟାନନ୍ଦଙ୍କୁ ମନୋନୀତ କରାଯାଇଥିଲା। ଓଡ଼ିଶୀ ସଂଗୀତକୁ ଭାରତୀୟ ନୃତ୍ୟ ଭାବେ ସ୍ୱୀକୃତି ଦେବାରେ ତାଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଜର ପ୍ରଜ୍ଞା, ବୁଦ୍ଧି ଓ କାର୍ଯ୍ୟ ଦକ୍ଷତା ବଳରେ ସେ ଗୁଜୁରାଟ ଓ ବିହାରର ରାଜ୍ୟପାଳ ଭାବେ ମନୋନୀତ ହୋଇଥିଲେ। ବିହାର ରାଜ୍ୟପାଳ ଥିବାବେଳେ ବୌଦ୍ଧ ଧର୍ମ-ଗୁରୁ 'ଫୁଜି', ନିତ୍ୟାନନ୍ଦଙ୍କ ଠାରୁ 'କଳିଙ୍ଗ ଯୁଦ୍ଧ' ଓ ସମ୍ରାଟ ଅଶୋକଙ୍କ ବୌଦ୍ଧ ଧର୍ମ ଗ୍ରହଣ ଇତିହାସ ଶୁଣିଥିଲେ ଏବଂ ତାଙ୍କ ସହିତ ଓଡ଼ିଶା ଆସି ଧଉଳିଗିରି ବୁଲିଥିଲେ। ସେତେବେଳେ ଧଉଳିଗିରି ଏକ ଅଗମ୍ୟ ସ୍ଥାନ ଥିଲା। ଫୁଜିଙ୍କ ସହାୟତାରେ ଏଠାରେ 'ଶାନ୍ତିସ୍ତୁପ' ପ୍ରତିଷ୍ଠା ସମ୍ଭବ ହୋଇପାରିଥିଲା ଏବଂ କ୍ରମେ ତାହାର ମହତ୍ତ୍ୱ ବଢ଼ିଥିଲା। ୧୯୦୦ ମେ ୪ ତାରିଖ ଦିନରେ ନିତ୍ୟାନନ୍ଦ କଟକରେ ଜନ୍ମ ହୋଇଥିଲେ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦




### ହାରିଛି ପ୍ରତୀକ୍ଷା.. ସରିଛି ପରୀକ୍ଷା

ଦିବାକର ନାୟକ

ଛଅ ଜନ୍ମ ହେଲା ଆମେ ଥିଲେ ଏକା
ଏବେ ଆଉଥରେ ହୋଇଗଲା ଦେଖା
ହାରିଛି ପ୍ରତୀକ୍ଷା.....ସରିଛି ପରୀକ୍ଷା
ଆମ ପ୍ରେମ ହେଲା ପକ୍କା ।

ଭଲ ପାଇବାଟା ଯାଦୁବିଦ୍ୟା ନୁହେଁ
ଚାହୁଁ ଚାହୁଁ ଘଟିଯାଏ
ଭଲ ପାଇବା ତ ଏମିତି କସ୍ତୁରୀ
ହୃଦୟ ଭିତରେ ଥାଏ

ଦହନ,ଗୁଜବ, ଅପବାଦ, ଧୋକା
ସବୁ ତ ଆମର ଜଣେ ଜଣେ ସଖା

ଏ ଜୀବନେ ଆମେ ଗାଇଯିବା ଆସ
ପ୍ରେମର ଅସରା ଗାଥା..
ହାରିଛି ପ୍ରତୀକ୍ଷା.....ସରିଛି ପରୀକ୍ଷା
ଆମ ପ୍ରେମ ହେଲା ପକ୍କା ।

ଦେହ ବଦଳିଛି ଆତ୍ମା ବଦଳିନି
ତୁମେ ବି ବଦଳି ନାହଁ
ଏ ଆଖି କାହାକୁ ଦେଖିନି, କେବଳ
ଦେଖିଛି ତୁମର ମୁହଁ

ମୁଁ ତୁମ ଦୀପାଳି ତୁମେ ମୋ ବଳିତା
ହସୁ ଏ ଜୀବନ ଏମିତି ଜଳିକା

ପ୍ରେମ ମୋ ତପସ୍ୟା ତୁମେ ତପୋଫଳ
ସୁନ୍ଦର ମୋ ଭାଗ୍ୟରେଖା..
ହାରିଛି ପ୍ରତୀକ୍ଷା.....ସରିଛି ପରୀକ୍ଷା
ଆମ ପ୍ରେମ ହେଲା ପକ୍କା ।

♥ ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

### ଦଉଡ଼ି

କବି ବିପ୍ଳବ



ପାଞ୍ଚଟଙ୍କିଆ ଆହାର ଖାଇ
ହାକୁଟି ମାରୁଥିବା ପିଲା
କଣ ବୁଝିବେ ଦଉଡ଼ିର ବଳିଦାନ
ମାଟି ଆଉ ମଣିଷ ଭିତରେ
ଗୋଟେ ସମ୍ପର୍କର ସେତୁ ବୋଲି !

ଦଉଡ଼ି ବାପାଙ୍କ ସହ ମିଶି
ଚାଷ କରେ
ବୁଣେ
ବେଉଷଣ କରେ
କଳେଇ ଖଳାକୁ ଆଣେ
ଆଉ ବେଙ୍ଗଳାରେ ବି
ଲୋଡ଼ା ପଡ଼େ ।

ଗରା ଫଙ୍ଗରେ ବାନ୍ଧି
ବୋଉ କୂଅରୁ ପାଣି କାଢ଼େ
ଆଉ ସେଇ ପାଣିରେ
ଧାନ ଉସାଁଏ
ଭାତ ରାନ୍ଧେ
କଂସା ଧୁଏ ।

ଦଉଡ଼ି ଥାଏ ବୋଲି ସିନା
ଉପଭୋଗ୍ୟ ହୁଏ ରଜ
ଆମ୍ବ ଗଛରେ ଲଙ୍ଗଳ ଦଉଡ଼ି ବାନ୍ଧି
ବାପା ଝୁଲଉଥାନ୍ତି ଆମକୁ
ସେତେବେଳେ ସ୍ୱପ୍ନ ଛୁଁ ଥାଏ ଗଗନ ।

ଏବେ ଦଉଡ଼ି ସବୁ
ଅଖୋଜା ଅଲୋଡ଼ା
ବାପା ଆଉ ବଳଦ ପରି
କୋଉ ଅନ୍ଧାରି ମୂଳକରେ
ସେମାନଙ୍କର ଆତ୍ମ ଗୋପନ ।

ଶୁଣିଲି କାଲି ସଂଜରେ
ବାପା,ବୋଉ ଆଉ ବିଲକୁ
ଭୁଲିଥିବା ପିଲାଟିଏ
ଦଉଡ଼ି ଖୋଜୁଥିଲା ବଡ଼ ବିକଳରେ
ସକାଳୁ ସେଇ ପିଲା
ଗାଁ ତୋଟାରେ ଝୁଲୁଥିଲା
ଆଙ୍ଗୁଳେ ଜିଭ କାଢ଼ି ।

♥ ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



### ସ୍ୱସ୍ଥ ଓ ସ୍ୱରାଜ

ଯୋଗୀ କୃପାସିନ୍ଧୁ ମୁନି

ବୃନ୍ଦାବନେ କେ ବଂଶୀ ବଜାଇଲା ।
ସଦ୍‌ଗୁରୁ ବାକ୍ୟ ପାନଲ ପାଇଁ
ସାଧନାରେ ମନ ସମର୍ପିଦେଇ ।
ସ୍ୱ ମାନେ ନିଜକୁ ନିଜେ
ଦ୍ରଷ୍ଟା ଭାବେ ସେ ବିରାଜେ
ସକଳ ସୃଷ୍ଟିର ଆଧାର ସେହି ।
ନ କରେ ସେ ଅବସ୍ଥାନ
ରାମ କୃଷ୍ଣ ରୂପେ ଜାଣ
ନିଜ ରୂପେ ଅବସ୍ଥାନ କରଇ ।
ନିଜ ସ୍ୱଭାବିକ ରୂପ
ଆନନ୍ଦମୟ ସ୍ୱରୂପ
ଆନନ୍ଦମୟ ରୂପେ ବିରାଜଇ ।
ଆତ୍ମାହିଁ ନିଜ ସ୍ୱରୂପ
ଶୁଦ୍ଧ ବୁଦ୍ଧ ସେ ପବିତ୍ର
ସର୍ବ ହୃଦୟରେ ବାସ ତାଙ୍କରି ।
କହେ କୃପାସିନ୍ଧୁ ଭାଇ
ସଦ୍‌ଗୁରୁ ପଦେ ଧାଇ
ନିରୋଗ ସ୍ୱସ୍ଥ ସ୍ୱ ରଜରେ ରହି ।

♥ ଜୁଣବଳଦା,
ଗୁଡ଼ିଖାଳ ଆଶ୍ରମ, ବାଲେଶ୍ୱର



### ବୀଣାପାଣି ମହାନ୍ତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ତାନଶ୍ରୀ ପାଣିଗ୍ରାହୀ

ଆହେ ବୀଣାପାଣି ପ୍ରତିଭା ରାଗିଣୀ
ଏ ମାଟିର ମହିୟସୀ
ସାହିତ୍ୟର ସ୍ୱର ବୀଣାର ଝଙ୍କାର
ଲଭିଛ ତୁମେ ପଦ୍ମଶ୍ରୀ...

କବିତାରେ ତୁମେ ପ୍ରେମମୟୀ ରାଧା
କବିତା ଆଦ୍ୟ ଯୌବନ
କେତେ ଶ୍ରେଷ୍ଠ ଗଳ୍ପ ବାଣୀ ଭଣ୍ଡାରକୁ
କରିଛ ତୁମେ ଅର୍ପଣ...

ଅଧ୍ୟାପନା ସାଥେ ସାହିତ୍ୟ ସାଧନା
ଧନ୍ୟ ତୁମ ତ୍ୟାଗ ନିଷ୍ଠା
ଜନ୍ମ ଓ ମୃତ୍ୟୁର ସଂଗ୍ରାମ ଭିତରେ
ତୁମେ ତ ଅମର ସ୍ରଷ୍ଟା...

କେତେ ସମ୍ମାନରେ ସମ୍ମାନିତା ତୁମେ
ଓଡିଆ ଭାଷା ବିନ୍ଧାଣି
ଆଜି କାହିଁ ତୁମେ ନୀରବି ଗଲ ଯେ
କେଉଁ ଅଭିମାନେ ପୁଣି...

ଏ ମାଟିରେ ତୁମ କାଳଜୟୀ ସୃଷ୍ଟି
ରହିବ ଅଭୁଲା ସ୍ମୃତି
ଅଶ୍ରୁଳ ଅଞ୍ଜଳି କରୁଛି ଅର୍ପଣ
ଆତ୍ମାର ହେଉ ପୁଣ୍ୟଗତି ।

♥ ଆଚାର୍ଯ୍ୟା, ସରସ୍ୱତୀ
ଶିଶୁମନ୍ଦିର
ବାଲିଆ, ବାଲେଶ୍ୱର
ମୋ: ୯୩୩୭୭୩୦୪୨୯୫

କବି ଶ୍ରୀ ଶିବସୁନ୍ଦର ସାହୁଙ୍କ ଏହି 'ଥ' ଧରିବାର ବେଳ' କବିତା ପୁସ୍ତକଟି ତାଙ୍କର ଦ୍ୱିତୀୟ ପୁସ୍ତକ । ଏଥିରେ ସର୍ବମୋଟ୍ ପଚାଶଟି କବିତା ସ୍ଥାନିତ ହୋଇଛି । ଯେଉଁ କବିତା ଗୁଡ଼ିକର ଶବ୍ଦ ସଂଯୋଜନା, ଭାବ-ଭାଷା ଅତ୍ୟନ୍ତ ସରଳ ଓ ମାର୍ମିକ । ଖୁବ୍ ସୂକ୍ଷ୍ମ ମାନସିକତାରେ କବିତାଗୁଡ଼ିକୁ ରଚନା କରିଛନ୍ତି ସେ । ତାଙ୍କ କବିତା ଗୋଟେ ବିଶ୍ୱାସ, ଗୋଟେ ପ୍ରତ୍ୟୟ ଓ ହୃଦୟରୁ ଉତ୍ଥିତ ଯେତେସବୁ ଆବେଗ ଏବଂ ଆତ୍ମାର ନୀରବ ନିର୍ଦ୍ଦେଶ । ତାଙ୍କ କବିତା ଦୃଶ୍ୟ ଓ ଅଦୃଶ୍ୟର ଏକ ଚିତ୍ରିତ କାନ୍‌ଭାସ । ପ୍ରକାଶ ଯୋଗ୍ୟ ଯେ କବି ଶ୍ରୀ ସାହୁଙ୍କ ଅନେକ ହୃଦୟ ଛୁଆଁ କବିତା ବିଭିନ୍ନ ଦୈନିକ ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠା ତଥା ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶ ପାଇଁ ପାଠକୀୟ ଆଦୃତି ଲାଭ କରିଛି । ଆମେ ଆଶା କରିବା
କବି ଶ୍ରୀ ଶିବସୁନ୍ଦର ସାହୁଙ୍କର ଆଗାମୀ ସାରସ୍ୱତ ଜୀବନର ଚଲାପଥ କୁସୁମିତ ହେଉ ।



**ଶିବସୁନ୍ଦର ସାହୁ**
ସା.: ଅଗାପୁର, ପୋ.- ପଦ୍ମପୁର,
ଥାନା-ବାସୁଦେବପୁର, ଜିଲ୍ଲା-ଭଦ୍ରକ
ମୋ.: ୭୮୭୩୮୬୯୯୬

## ଭାବ-ବସ୍ତୁର୍ କାବ୍ୟକଳା : 'ଥ' ଧରିବାର୍ ବେଳ




ଏକଥା ନିର୍ବିକାରରେ କୁହାଯାଇପାରେ ଯେ କବି ଶିବସୁନ୍ଦର ସାହୁ ଆମ ସମୟର ଜଣେ ପ୍ରତିଭାସମ୍ପନ୍ନ ସ୍ରଷ୍ଟା । କହିବାକୁ ଗଲେ ମୁଁ ତାଙ୍କ କବିତାଗୁଡ଼ିକର ପ୍ରଥମ ପାଠକ । ପୂର୍ବରୁ ତାଙ୍କର 'ଆଁ' ଶୀର୍ଷକରେ କବିତା ସଂକଳନ ପ୍ରକାଶ ପାଇଥିଲା । ଏବେ ତାଙ୍କର 'ଥ' ଧରିବାର ବେଳ' ଶୀର୍ଷକରେ ଦ୍ୱିତୀୟ ସଂକଳନ ପ୍ରକାଶ ପାଇଛି । ଏ ଦୁଇଟି ଯାକ କବିତା ସଂକଳନର ପ୍ରକାଶନ ପୂର୍ବରୁ ମୋ ପାଖକୁ ପାଣ୍ଡୁଲିପି ଆସିଛି ଓ ମୁଁ କବିତାଗୁଡ଼ିକୁ ପଢ଼ି ମୋର ମତାମତ ରଖିଛି । ଶିବସୁନ୍ଦରଙ୍କ କବିତାଗୁଡ଼ିକ ଉଚ୍ଚ ଶ୍ରେଣୀର ତଥାକଥିତ ଅସଂଖ୍ୟ କବିମାନଙ୍କ ଗହଣରୁ ସେ ନିଆରା ବାରି ହୋଇପଡ଼ନ୍ତି । ତାଙ୍କର କବିତାରେ ଭାବସିଦ୍ଧତା ଓ ଶବ୍ଦବସାଣ ରୀତିରେ ସ୍ୱତନ୍ତ୍ର୍ୟ ରହିଛି । ସାମ୍ପ୍ରତିକ ସମୟରେ ସେ ଜଣେ ବାସ୍ତବବାଦୀ କାବ୍ୟସ୍ରଷ୍ଟା ଭାବେ ଉଭା ହୁଅନ୍ତି । ଏଥିସହିତ ତାଙ୍କ କବିତାର ପ୍ରକାଶଭଙ୍ଗୀରେ ନାନ୍ଦନିକତାକୁ ଲକ୍ଷ୍ୟ କରିହୁଏ । ଆଧୁନିକ କାବ୍ୟ ଜିଜ୍ଞାସା, ମନନଧର୍ମି ଉଚ୍ଚାରଣ ନୀତି ଓ ସୌନ୍ଦର୍ଯ୍ୟବୋଧ ତାଙ୍କ କାବ୍ୟ କଳାର ସାର୍ଥକତା ।

ବାସ୍ତବତାକୁ ନିରାସକ୍ତ ଭାବେ ବିଶ୍ଳେଷଣ କରିବାର ପ୍ରକ୍ରିୟା ଓ ଦର୍ଶନ କରିବାର ପ୍ରବଣତା ହିଁ ସାମ୍ପ୍ରତିକ ଯୁଗଧର୍ମ, ବିଶ୍ୱ ବ୍ୟାପାରକୁ ବ୍ୟକ୍ତିଗତ ଆସକ୍ତି ଆବେଗରେ ନ ପରଖି ନିର୍ବିକାର ଭାବେ ଦେଖିବା ହେଉଛି କଳାର ନାନ୍ଦନିକ ଗୁଣ । ଏହା ଏକାନ୍ତ ଭାବେ ବିଶୁଦ୍ଧ ଓ ମୋହମୁକ୍ତ ଆନନ୍ଦର କଥା । ସମାଜର କୌଣସି ଘଟଣା ବା ଦୃଶ୍ୟ ଦେଖିଲେ ଅନେକ ପ୍ରକାର ଆବେଗର ହୁଏ ଉଦୟ, ମନ ମଧ୍ୟରେ ସେସବୁ ଆବେଗର ଏକ ସଂଘ ଓ ସମବାୟ ସ୍ଥାପିତ ହୁଏ । ଏପରି ସଂଘୀୟ ଆବେଗର ସୁଯୋଗ ନେବା ପ୍ରତିଭାସମ୍ପନ୍ନ କବିତା ପକ୍ଷେ ହିଁ ସମ୍ଭବ ହୋଇଥାଏ । ସର୍ଜନଶୀଳତା ପ୍ରଖର ନଥିଲେ ଏହି ବ୍ୟାପାରକୁ ଆୟତ୍ତ କରିହୁଏ ନାହିଁ । ଏପରି କ୍ଷେତ୍ରରେ କବିର କଳ୍ପନା ଦୈବୀ ଶକ୍ତିରେ ହୁଏ ପର୍ଯ୍ୟବେସିତ । କାବ୍ୟ-କୃତି, ହସ-କାନ୍ଦ, ଆନନ୍ଦ-ନିରାନନ୍ଦର ଲୁଚକାଳି ଖେଳ ପାଲଟେ ସସୀମ ଓ ଅସୀମ । ଦୃଶ୍ୟମାନ ଓ ଅଦୃଶ୍ୟମାନ ଲୀଳା ପ୍ରମତ୍ତ ଓ ରସସିକ୍ତ ଚିତ୍ର ଅଙ୍କନ ହୋଇଛି କଳାର ଧର୍ମ, କବିତାର କଳା । କବି ରୂପ ସର୍ଜନା କରେ ଶବ୍ଦ । ବେଳେବେଳେ ଶବ୍ଦ ବି ବାସ୍ତବତାର ସମ୍ପୂର୍ଣ୍ଣ ଅବବୋଧ ପ୍ରକାଶନ ପାଇଁ ଅସମର୍ଥ ହୁଏ । ଏ କ୍ଷେତ୍ରରେ କବି ସାଦୃଶ୍ୟ ବା ରୂପକର ଅନିର୍ବାର୍ଯ୍ୟ ଆବଶ୍ୟକତା ଲୋଡ଼େ । କବି ଶିବସୁନ୍ଦରଙ୍କ କବିତା ଶବ୍ଦଚିତ୍ର ଓ ରୂପଚିତ୍ରର ସାର୍ଥକ ପ୍ରତିଲିପି । ଅନ୍ତଃରୀଣ ସୌନ୍ଦର୍ଯ୍ୟବୋଧ କବିତା ଗୁଡ଼ିକୁ ସୁକୁମାର ପାଠକୀୟତା ପ୍ରଦାନ କରେ ।



ଉକ୍ତ ସଂକଳନର ସ୍ଥାନିତ କବିତା- ଥ', ସମୟ, କଅଁଳ ଇଚ୍ଛାର ଦୁଃଖ, ଯାଦୁଗର, ଅନ୍ଧରାଜା, ମୂର୍ତ୍ତିକାର, ସଞ୍ଜ ସକାଳ, ବେଳକାଳ, ମଧ୍ୟାହ୍ନ, କବିତାର ଲଗ୍ନ, କବି, ଘାଟିଆ, ନଈକୂଳ, ଜୀବନ, ଜୀଅନ୍ତା ଇତିହାସ, ସଂସାର ଡଙ୍ଗା, ଏତକରଫା, ଯୁଦ୍ଧ, ଗହନ କଥା, ଇଗଲ, ଶିଳ୍ପୀ, ଆବାହନୀ, ସ୍ୱପ୍ନଜୀବୀ, ଧର୍ମ, ଭଲଲୋକ, ଈର୍ଷାର ଜୀବନ, ଗଛ, ଭୋକ, ପ୍ରତାରଣା, ବର୍ଷା, କାମନା, ଶୀତ, ଫାଶ, ଇତି, କାନ୍ଦନି, ମାୟାଜାଲ, ଫରକ, ଗଠନ, ଏକା, ତୃଷ୍ଣା, ଅକୁହା କଥା, ଦହନ, ଗ୍ରୀଷ୍ମ, ଗୋପନପେଡ଼ି, ମୁଣ୍ଡ, ଖେଳ, ଲୋଭ, ବହିଯାଉ, ନଈ, ବସନ୍ତ ଓ ସାବଧାନେ ଥା'... ଇତ୍ୟାଦି କବିତା ଗୁଡ଼ିକ ରୁଚିପୂର୍ଣ୍ଣ କାବ୍ୟସ୍ୱାଦ ସ୍ପଷ୍ଟ ରୂପେ ବାରିହୁଏ । ଗୋଟେ ଗୋଟେ ମୁହୂର୍ତ୍ତର ନିର୍ଦ୍ଦିଷ୍ଟ ଭାବ ଭିତରୁ କବିତାର କୁସୁମ ଓ ବିଭବକୁ କବି ତୋଳି ଆଣିବାର ପ୍ରୟାସ କରିଛନ୍ତି । ଭାବ ସଂଚାରିକାରୀ ବସ୍ତୁବିଶେଷ ବାସ୍ତବତା ଓ କଳ୍ପନାର ସମ୍ମିଶ୍ରଣରେ କଳାର ରୂପ ଧାରଣ କରିଛି । କାବ୍ୟ ସୃଷ୍ଟି ପାଇଁ ଭାବର ସ୍ଥିର ରୂପ ସର୍ବଦା ପ୍ରୟୋଜନ । ବିବିଧ ମନୋଭାବରୁ ଓ ସୁନିର୍ବାଚିତ ଗୋଟିଏ ଭାବର ଆବେଗରୁ ସାର୍ବଜନୀନ ରୂପ ଲାଭ କରିଛି ବୋଲି କୁହାଯାଇପାରେ । କାରଣ କବିର ଆବେଗ ହିଁ କାବ୍ୟ ସୃଷ୍ଟିର ରୂପ ନିର୍ଣ୍ଣୟ କରେ । ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ଜ୍ଞାନ ଓ ସେଥି ନିମିତ୍ତ ଆନନ୍ଦ ଦ୍ରଷ୍ଟାର ଭାବ ବସ୍ତୁର ସମନ୍ୱୟରୁ ଆସେ । କେବଳ ସୌନ୍ଦର୍ଯ୍ୟର ବୋଧଗମ୍ୟ ଅଙ୍ଗ ହେଉଛି ଦ୍ରଷ୍ଟା । ଦୃଶ୍ୟର ସାମଗ୍ରିକତା, ପାରସ୍ପରିକ ସମନ୍ୱୟ ଓ ଉଜ୍ଜ୍ୱଳତା ପ୍ରତିପାଦିତ ହେଲେ କବିତାର କଳା ନିର୍ମାଣ ସମ୍ଭବ ହୁଏ । ଏ ଦୃଷ୍ଟିରୁ ଶିବସୁନ୍ଦରଙ୍କ କବିତା ଗୁଡ଼ିକ ଦୃଷ୍ଟି ଦର୍ଶନରେ ବୋଧଗମ୍ୟ ଓ ଉପଭୋଗ୍ୟ । ଆଶା କବିତା ଗୁଡ଼ିକ କାବ୍ୟମୋଦି ପାଠକମାନଙ୍କ ଚେତନାକୁ ସ୍ପର୍ଶ କରିବ । ସଂପୃକ୍ତ ସଂକଳନର ଓ କାବ୍ୟ ପ୍ରତିଭାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରହୁଛି ।

**ବିଶ୍ୱରଂଜନ ଦାସ**
ବିଭାଗ ମୁଖ୍ୟ, ଅଧ୍ୟାପକ, ଓଡ଼ିଆ
ବିଏ.ଏନ୍.ଏମ୍.ଏ କଲେଜ,
ପାଳିଆବିନ୍ଧା, ଭଦ୍ରକ
ମୋ: ୯୯୩୭୭୭୯୪୫୨

### ସାବଧାନେ ଥା'

ଜୀବନ ଗୃହବନ୍ଦୀ
ଖେଳଚାଲିଚି କରୋନାର
ମଣିଷ ହୁଏ ଅପମୃତ୍ୟୁ ଶିକାର
ବଦଳିଯାଇଛି ଦୃଶ୍ୟପଟ୍ଟ
ଯୂପକାଠରେ ଜୀବିକା ଓ
ଯାବତୀୟ ଫନ୍ଦିଫିକର
ରେ ମନୁଆ
ଏବେ କାଳବେଳା ପଡ଼ିଛି ବୋଲି ଜାଣ
ଭୟ ଓ ପାପର ମିଶ୍ରଣରେ
ସମୟଟା ପୂରା ଅନ୍ତସତ୍ତ୍ୱା
ଏକାକାର ଆଲୁଅ ଓ ଅନ୍ଧାର
ଦୁଃଖିର ଦୁଃଖ, ଭୋକିଲାର ଭୋକ
ମନରେ ସଂଶୟର ନିଆଁଝୁଲ
ତାରା ପରି ଜଳୁଚି ମିଞ୍ଜିମିଞ୍ଜି
ସେବାର ସେବତୀକୁ
ରାହୁ ଗ୍ରାସିଛି ଯେମିତି
ଲକ୍ଷ୍ମଣରେଖା ପରି ଦୁଇଫୁଟ୍ ଦୂରତାରେ
ଟଣାଯାଇଛି ପ୍ରେମର ଅଦୃଶ୍ୟ ଗାର
ବଡ଼ କରୁଣ ତା ଚିତ୍ରରୂପ
ସଂକଟରେ ଧର୍ମର ଧ୍ୱନି, ବିଭେଦର ବିଧାନ
ବନ୍ଧନର ବନ୍ଧ, ମାୟାର ଛନ୍ଦ
ପବନର ନିଶ୍ୱାସ, ବିଶ୍ୱାବସୁର ବିଶ୍ୱାସ
ପୁରାପୁରି ବିଭ୍ରମରେ
ଆମ ଯାବତ୍ ବୁଦ୍ଧି ବଳ କୌଶଳ
ବୁଝିହେଉନି ଜମା
କାହିଁକି ଏ ଭୂତାଣୁ ଖେଳ
କେତେଦିନ ବାଟବଣା ହେଉଥିବ
ଆମ ପରିଚିତ ପବନ ଓ ଜଳ
ରାତିର ଭୟରେ ପାଦ ଚାଲୁଚାଲୁ
ଆପେ ଆପେ ଗୀତ ଝରେ ମୁହଁରେ
ଦୀର୍ଘଶ୍ୱାସ ଛୁଟେ ଡହଳେ ବିକଳେ
ନୀରବରେ ସଚେତନତାର ଗୀତ ଗାଇ
ମନେମନେ ଆଶ୍ୱାସନା ଭରେ
ଏ କରୋନା
ପଡ଼ାରେ ଲାଗିଥିବା ହୁ ହୁ ନିଆଁ
ଠୋକର ଦେଇ ଦଉଚି ଚିଆଁ
ବରାବର କରୁଛି ଛାନିଆଁ
ନ ମିଳିବା ଯାଏ ପରଶମଣି ଛୁଆଁ
ସାବଧାନେ ଚଲୁଥା'ରେ ମନୁଆଁ ।

## କବିତା କବିତା ହୋଇ ରହିଥାଉ...




କବି ଦ୍ୱିତୀୟ ଈଶ୍ୱର । ବିଶ୍ୱସ୍ତ ଶାଣିତ ଶବ୍ଦର କାରିଗର । ମଗ୍ନ ମୂର୍ତ୍ତିକାର । ତା' ଭାବ ଓ ଅନୁଭବର କଥା କହେ କବିତା । କବି ହୁଏ ଆତ୍ମହରା । ଲୋଡ଼େ ଶବ୍ଦର ପଟୁଆର । ତା' ଭିତରେ ଖୋଜିବସେ ମୁକ୍ତିର ରାହା । ଆତ୍ମଦହନରେ ଭାବକୁ ନାବ କରି ହେଉଥାଏ ଏପାରି ସେପାରି । ଜନ୍ମଦିଏ କବିତା । କବିତା ଆକାଶର ମେଦୁରିତ ଇନ୍ଦ୍ରଧନୁ। ନିବିଡ଼ ସଂବେଗରେ ସ୍ମୃତିସିକ୍ତ ଶିଳାଲେଖ । ଭାବ ବିଳାସର ଏକ ବ୍ୟଞ୍ଜିତ ଦିବ୍ୟରୂପ । ନାଦବ୍ରହ୍ମରେ ବେଦନାର ବଂଶୀ ଫୁଙ୍କି ଅନୁଭବେ ବାସ୍ତବତାର ଅନ୍ତରଙ୍ଗପଣ । ଭାବ ଅଭାବର ମୋହିନୀ ଶକ୍ତିରେ ସିକ୍ତ ହୋଇ ବାଣ୍ଟେ ଅମୃତ । ଯେଉଁମାନେ ଅମୃତ ବାଣ୍ଟିବାକୁ ପ୍ରେରଣା ଯୋଗାଇଛନ୍ତି ସର୍ବପ୍ରଥମେ ସ୍ମରଣ କରୁଛି ନିଜଠୁ ନିଜର, ଅତି ଆପଣାର ଅଧ୍ୟାପକ ବିଶ୍ୱରଂଜନ ଦାସଙ୍କୁ, ଯିଏ ଅଧୁନା ବିରଞ୍ଚି ନାରାୟଣ ଅର୍ଜୁନ ମହାବିଦ୍ୟାଳୟରେ ଅଧ୍ୟାପନରତ । ସେ ମୋ ପଡ଼ିଶା ଗାଁ ଲୋକ । ଏଣୁ ମୋତେ ସୁଯୋଗ ମିଳିଛି ମୋ କବିତା ତାଙ୍କୁ ଦେଖାଇବାର ଓ ପରାମର୍ଶ ଗ୍ରହଣ କରିବାର । ଏଣୁ ମୁଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ମୋର ସ୍ୱର୍ଗତ ପିତା ଦୟାନିଧି ସାହୁ ଥିଲେ ଜଣେ ସାରସ୍ୱତ ସାଧକ । ରଚି ଥିଲେ ଅନେକ କବିତା, ଗୀତିନାଟ୍ୟ, ଶିଶୁଗୀତ ଓ ମନ୍ତ୍ରମୁଗ୍ଧ ଭଜନ ଓ ଜଣାଣ । ଆକାଶବାଣୀ ଜୟପୁରରେ ସେ ମଧ ଥିଲେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର । ତାଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ କାବ୍ୟମନସ୍କ ହେବାର ମୁଁ ପ୍ରେରଣା ପାଇଛି । ମୁଁ ତାଙ୍କଠାରେ ଚିର କୃତଜ୍ଞ । ମୋର କାବ୍ୟ ଶୁଭେଚ୍ଛୁ ଭାବେ ନୀଳଗିରି ରତ୍ନାକର ଟାଉନ୍ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଶ୍ରୀ ବିନୋଦ ବିହାରୀ ପଣ୍ଡା ଓ ସମସ୍ତ ଶିକ୍ଷକ ବନ୍ଧୁ, ଅବସରପ୍ରାପ୍ତା ସୁଭାଷିନୀ ଜୀ, ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, କବି ଗଙ୍ଗାଧର ଦାସ, ସତ୍ୟନାରାୟଣ ନନ୍ଦ ପ୍ରହରାଜ, ଇଂ. ଅଭୟ ସୂତାର, ପ୍ରବୀଣ ପୃଷ୍ଟି, ମନୋରଂଜନ ମୁଦୁଲି, 'ଅ' ପତ୍ରିକାର ସମ୍ପାଦକ ଶ୍ରୀଗୋବିନ୍ଦ, 'ରଂଗରାଗ'ର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀଙ୍କୁ ଏହି ଅବସରରେ ଗଭୀର ଶୁଭେଚ୍ଛା ଜ୍ଞାପନ କରୁଛି । ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ଏବଂ ଆକାଶବାଣୀ କଟକ, ଏଫ୍.ଏମ୍. ବାରିପଦାରେ ମୋର ଅନେକ କବିତା ପ୍ରକାଶିତ ହୋଇଛି ।

ଏଣୁ ମୁଁ ସଂପୃକ୍ତ ପତ୍ରପତ୍ରିକାର ସମ୍ପାଦକ ଓ ଓଡ଼ିଶାର ଗୁଣି ପାଠକ ପାଠିକାଙ୍କ ନିକଟରେ ଚିର କୃତଜ୍ଞ । ସତକଥା ହେଉଛି ମୋର ପ୍ରଥମ କବିତା ସଂକଳନ 'ଆଁ' ପ୍ରକାଶିତ ପରେ ଦ୍ୱିତୀୟ ସଂକଳନ 'ଥ ଧରିବାର ବେଳ' ଛାପିବାକୁ ଇଚ୍ଛାକଲି । ସମ୍ବଳ ଅଭାବରୁ ପ୍ରକାଶ କରିବାରେ ବିଳମ୍ବ । ଏ କ୍ଷେତ୍ରରେ ମୋର ମାଆ ଅନ୍ନପୂର୍ଣ୍ଣା ଓ ପତ୍ନୀ ବନଲତାଙ୍କ ସହଯୋଗ ଓ ସଦିଚ୍ଛା ମୋର ଶ୍ରେୟ ହୋଇଛି । ଶେଷରେ ପୁସ୍ତକ ପ୍ରକାଶନର ଦାୟିତ୍ୱ ବହନ କରିଥିବା ବାଲେଶ୍ୱର 'ପାହାନ୍ତିତାରା'ର କମଳ ଦାସଙ୍କ ନିକଟରେ ମୁଁ ଋଣୀ ।

କବିତା କବିତା ହୋଇ ରହିଥାଉ । ସମୟ ଦେଖି ମୋ କଲମରୁ ଝରିଆସୁ । ମୋ ସୌଭାଗ୍ୟ ମୋତେ ବାରମ୍ବାର ମିଳୁ ବୋଲି ମୁଁ ପ୍ରଭୁ ଜଗନ୍ନାଥଙ୍କ ଠାରେ କାମନା କରୁଛି ।

# ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଖୋଲିଲା ବିଶ୍ରାମ ସ୍ଥଳ

ଭୁବନେଶ୍ୱର,୩/୦୫ (ନି.ପ୍ର): କଟକ ସ୍ଥିତ ଆଚାର୍ଯ୍ୟ ହରିହର ଆଂଚଳିକ କ୍ୟାନ୍ସର ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନକୁ ଦୈନିକ ଆସୁଥିବା ରୋଗୀମାନଙ୍କ ପାଇଁ ବିଶ୍ରାମ ସ୍ଥଳ ନିର୍ମାଣ କରାଯାଇଛି। ୩ଟି କ୍ୟାମ୍ପ ମଧ୍ୟରୁ ସୋମବାର ପୂର୍ବାହ୍ନରେ ଗୋଟିଏ ଶିବିର କାର୍ଯ୍ୟକ୍ଷମ ହୋଇଛି। ଆସନ୍ତା କାଲି ସୁଦ୍ଧା ୨ୟ ଶିବିର ଏବଂ ସପ୍ତାହ ଶେଷ ସୁଦ୍ଧା ୩ୟ ଶିବିର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ଆଲୋକ, ଫ୍ୟାନ୍ ଏବଂ ପାନୀୟଜଳ ଆଦିର ଅତି ଆବଶ୍ୟକୀୟ ବ୍ୟବସ୍ଥା ନିଶ୍ଚିତ କରାଇବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏ ବିଷୟରେ ଗଣମାଧ୍ୟମ ପ୍ରଶ୍ନର ଉତର ଦେଇ ହସ୍ପିଟାଲର ନିର୍ଦ୍ଦେଶକ, ଡାକ୍ତର ଲଲାଟେନ୍ଦୁ ଷଡଙ୍ଗୀ କହିଥିଲେ ଯେ କାର୍ଯ୍ୟକ୍ଷମ ହୋଇଥିବା ୧ମ ଶିବିରରେ ପ୍ରାୟ ୫୦ ଜଣ ରୋଗୀ ଆଶ୍ରୟ ନେଇଛନ୍ତି । ୨ୟ ଏବଂ ୩ୟ ଶିବିର କାର୍ଯ୍ୟକ୍ଷମ ହୋଇଗଲେ ୧୦୦ରୁ ୧୫୦ ରୋଗୀ ଏବଂ ତାଙ୍କର ସହାୟକମାନେ ଆଶ୍ରୟ ନେଇ ପାରିବେ। ଶିବିରରେ ଆବଶ୍ୟକୀୟ ଲାଇଟ୍, ଫ୍ୟାନ୍ ଓ ପାନୀୟଜଳ ଆଦିର ବ୍ୟବସ୍ଥା କରାଯାଇଛି । ପାଖରେ ଆହାର କେନ୍ଦ୍ର ମଧ୍ୟ ଅଛି।

ପୂର୍ବରୁ ରେଡିଏସନ୍ ନେଉଥିବା ରୋଗୀ ଓ ତାଙ୍କର ସହାୟକମାନେ ହସ୍ପିଟାଲ୍ ବାରଣ୍ଡା ଆଦିରେ ବିଶ୍ରାମ ନେଉଥିଲେ । ହସ୍ପିଟାଲରେ ଦୈନିକ ହାରାହାରି ୩୫୦ ରୋଗୀ ରେଡିଏସନ୍ ନେଉଛନ୍ତି । ରେଡିଏସନ୍ ଏକ ଆଉଟଡୋର ଚିକିତ୍ସା । ବର୍ତମାନ ହସ୍ପିଟାଲର ବେଡ୍ ସଂଖ୍ୟା ୨୮୧ ଥିବାବେଳେ ଗୁରୁତର ଚିକିତ୍ସାଧିନ ରୋଗୀମାନେ ରହୁଛନ୍ତି । ଏହାଛଡ଼ା ପ୍ରତିଦିନ ହାରାହାରି ୫୦୦ ନୂଆରୋଗୀ ଆସୁଛନ୍ତି । କିଛି ରୋଗୀଙ୍କର ପ୍ରାକ୍-ଆଡମିସନ୍ ପରୀକ୍ଷା ନିରୀକ୍ଷା ଦରକାର ପଡୁଛି । କ୍ୟାନ୍ସର ରୋଗର ନିରୂପଣ ମଧ୍ୟ ଏକ ସମୟ ସାପେକ୍ଷ ପରୀକ୍ଷା। ତାଛଡ଼ା ଦୂର ଦୁରନ୍ତରୁ ଆସି ରେଡିଏସନ୍ ନେଉଥିବା ରୋଗୀମାନେ ଅନେକ ସମୟରେ ନିଜ ଘରକୁ ଫେରିନପାରି ହସ୍ପିଟାଲ୍ ବାରଣ୍ଡାରେ ଆଶ୍ରୟ ନେଇଥାଆନ୍ତି । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ନିର୍ମାଣ ହେଇଥିବା ଆଶ୍ରୟ ସ୍ଥଳ ଏ ପ୍ରକାର ଲୋକମାନଙ୍କୁ ଅନେକ ଆଶ୍ୱସ୍ତି ଦେଇଛି ।

ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ୨୦୦ ବେଡ୍ ବିଶିଷ୍ଟ ନୂଆ ୱାର୍ଡ ତିଆରି କରାଯାଉଛି। ଚଳିତ ବର୍ଷ ଜୁନ୍ ମାସ ଶେଷସୁଦ୍ଧା ଏହି ୱାର୍ଡକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହା କାର୍ଯ୍ୟକ୍ଷମ ହୋଇଗଲେ ଦୈନିକ ନୂଆ ରୋଗୀମାନଙ୍କ ଆଡମିସନ୍ ସମସ୍ୟାର ସମାଧାନ ହୋଇଯିବ। ନିର୍ମାଣ ହୋଇଥିବା ଏହି ୩ଟି ଆଶ୍ରୟ ଶିବିର ଭବିଷ୍ୟତରେ ରୋଗୀଙ୍କର ସହାୟକମାନଙ୍କ ନିମନ୍ତେ ବ୍ୟବହାର ହୋଇପାରିବ ବୋଲି ଡାକ୍ତର ଷଡଙ୍ଗୀ କହିଛନ୍ତି ।

# ପାରାଦୀପ ହାଜତ ମୃତ୍ୟୁ ଘଟଣା : ନିଜ ଆଡୁ ମାମଲା ରୁଜୁ କଲା ଓଏଚ୍ଆରସି

ଭୁବନେଶ୍ୱର ,୩/୦୫ (ନି.ପ୍ର): ପାରାଦୀପ ଅଭୟଚାନ୍ଦପୁର ଥାନା ହାଜତ ମୃତ୍ୟୁ ଘଟଣାରେ ଓଡ଼ିଶା ମାନବାଧିକାର କମିସନ(ଓଏଚ୍ଆରସି) ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏହାର ତଦନ୍ତ ପାଇଁ ଓଏଚ୍ଆରସିର ଅତିରିକ୍ତ ଡିଜି ପୁଲିସ ତଥା ଅନୁସନ୍ଧାନ ନିର୍ଦ୍ଦେଶକ ଓ ଜଗତ୍ସିଂହପୁର ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ (୨୦ ତାରିଖ) ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଦୁହିଁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ପରିସ୍ଥିତିରେ ଅଭିଯୁକ୍ତଙ୍କ ହାଜତରେ ମୃତ୍ୟୁ ହେଲା, ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ଘଟଣାର ତଦନ୍ତ ରିପୋର୍ଟ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା ଅନୁଯାୟୀ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ଏହାର ତଦନ୍ତ ବ୍ୟବସ୍ଥା କରାଯିବା କଥା। ତେଣୁ ଏହି ଘଟଣାରେ ମାଜିଷ୍ଟ୍ରେଟ୍ଙ୍କୁ ତଦନ୍ତ ପାଇଁ ଅନୁରୋଧ କରାଯାଇଛି କି ନାହିଁ, ତାହା ମଧ୍ୟ ଉକ୍ତ ରିପୋର୍ଟରେ ଉଲ୍ଲେଖ କରିବାକୁ ଓଏଚ୍ଆରସି ନିର୍ଦ୍ଦିଷ୍ଟ ଭାବେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୩୦ ତାରିଖ ରାତିରେ ପାରାଦୀପ ବୃନ୍ଦାବନ କଲୋନିର ମନୋରଂଜନ ଗେଡ଼ିଙ୍କୁ ଅଭୟଚାନ୍ଦପୁର ଥାନା ପୁଲିସ ହାଜତରେ ପିଟି ପିଟି ହତ୍ୟା କରିଥିବା ନେଇ ପରିବାରଲୋକ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ୍ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ମନୋରଂଜନ ଓ ତା'ର ଜଣେ ସହଯୋଗୀ ବ୍ରାଉନ୍ସୁଗାର ନେଇ ଏକ ବାଇକ୍ରେ ଯାଉଥିବା ବେଳେ ରଙ୍ଗିଆଗଡ଼ ପୋଲ ନିକଟରେ ପୁଲିସ୍ର ଏକ ଟିମ୍ ସେମାନଙ୍କଠାରୁ ୧୧ଗ୍ରାମ୍ରୁ ଅଧିକ ବ୍ରାଉନସୁଗାର ଜବତ କରିଥିଲା। ବାଇକ୍ ପଛରେ ବସିଥିବା ମନୋରଂଜନ ଦୌଡ଼ି ପଳାଉଥିବା ସମୟରେ ପୋଲ ନିକଟରେ ଥିବା ଏକ ଲୁହା ପ୍ଲେଟ୍ରେ ବାଡ଼େଇ ହୋଇ ପୋଲ ତଳକୁ ପଡ଼ି ଯାଇଥିଲେ। ସେଠାରୁ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍କୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୫ ମଇ ଠାରୁ ପୁରୀ-ବଡ଼ବିଲ ଏକ୍ସପ୍ରେସର ପୁନଃ ପ୍ରଚଳନ

ଭୁବନେଶ୍ୱର,୩/୦୫ (ନି.ପ୍ର): ପୁରୀ-ବଡ଼ବିଲ-ପୁରୀ ଏକ୍ସପ୍ରେସର ସେବାକୁ ପୁରୀରୁ ୫ ମଇ ଠାରୁ ଏବଂ ବଡ଼ବିଲରୁ ୬ ମଇ ଠାରୁ ପୁନଃ ଚଳାଚଳ ପାଇଁ ନିଷ୍ପତି ନିଆଯାଇଅଛି । କୋଭିଡ-୧୯ ମହାମାରୀ ସମୟରେ ଏହି ଟ୍ରେନ୍କୁ କୋଭିଡ୍ ପ୍ରୋଟୋକଲ୍ ଅନୁଯାୟୀ ଏହାର ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା। ୧୮୪୧୬/୧୮୪୧୫ ପୁରୀ-ବଡ଼ବିଲ-ପୁରୀ ଏକ୍ସପ୍ରେସ ପୁରୀରୁ ୫ ମଇ, ୨୦୨୨ ଠାରୁ ସକାଳ ୦୬ ଘ. ୧୫ ମି. ରେ ଛାଡିବ ଏବଂ ୬ ମଇ, ୨୦୨୨ ଠାରୁ ବଡ଼ବିଲରୁ ପୂର୍ବାହ୍ନ ୦୯ ଘ. ୧୫ ମି.ରେ ଛାଡିବ। ଏହି ଟ୍ରେନରେ ଗୋଟିଏ ଏସି ଚେୟାର କାର, ଛଅଟି ଦ୍ୱିତୀୟ ଶ୍ରେଣୀ ଚେୟାର କାର ଏବଂ ଦୁଇଟି ଗାର୍ଡ, ଲଗେଜ ତଥା ଦ୍ୱିତୀୟ ଶ୍ରେଣୀ ଚେୟାର କାର ଉପଲବ୍ଧ ଥିବାବେଳେ ଏହା ପୁରୀ ଓ ବଡ଼ବିଲ ମଧ୍ୟରେ ସାକ୍ଷୀଗୋପାଳ, ଡେଲାଙ୍ଗ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯଖପୁରା, ସୁକିନ୍ଦା ରୋଡ୍, ବାଘୁଆପାଳ, ଟମକା, ଟାଙ୍ଗିରିଆପାଳ, ଶଗଡ଼ପଟା, ଚିଲିକିଦାରା, ହରିଚନ୍ଦନପୁର, ନୀଳକଣ୍ଠେଶ୍ୱର, ସୀତାବିଞ୍ଜି, ବସନ୍ତପୁର, ନରଣପୁର, କେନ୍ଦୁଝରଗଡ଼, ଗୋଆଲଡିହ, ପରଜନପୁର, ନୟାଗଡ଼, ଜାରୋଲି,ବାଂଶପାଣି, ମୁର୍ଗା ମହାଦେବ ରୋଡ, ଦେଓଝାର, ଡଙ୍ଗଆପୋସି, ନୂଆମୁଣ୍ଡି ଓ ବଡ଼ଜମଦା ଇତ୍ୟାଦି ଷ୍ଟେସନମାନଙ୍କରେ ରହଣି କରିବ।

# ଶେଷ ହେଲା ଆଦିବାସୀ ମେଳା : ବେପାର ଚାରି କୋଟି ଟପିଲା

ଭୁବନେଶ୍ୱର ,୩/୦୫ (ନି.ପ୍ର): ରାଜ୍ୟର ଜନଜାତି ଜୀବନର ମହାକୁମ୍ଭ ରୂପେ ପରିଚିତ ଆଦିବାସୀ ମେଳା ସୋମବାର ସନ୍ଧ୍ୟାରେ ତିନି ନମ୍ବର ୟୁନିଟ୍, ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଉଦ୍ଯାପିତ ହୋଇଛି । ୧୦ ଦିନ ଧରି ଚାଲିଥିବା ଏହି ମେଳାରେ ଜନସାଧାରଣଙ୍କ ସମାଗମ ଆଶାନୁରୂପ ହୋଇଥିବାବେଳେ ବିଭିନ୍ନ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀର ବେପାର ଖୁବ୍ ଉତ୍ସାହଜନକ ଥିଲା । ଦଶ ଦିନ ଧରି ଚାଲିଥିବା ଆଦିବାସୀ ମେଳାରେ ଚାରିକୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହୋଇଥିବାର ପ୍ରାଥମିକ ଅଟକଳରୁ ଜଣାପଡ଼ିଛି । ବିଗତ ବର୍ଷଗୁଡ଼ିକର ଆଦିବାସୀ ମେଳା ସହ ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀ ଥିଲା ଅନନ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି ମେଳାରେ ସେମାନଙ୍କ ଜୀବନଜୀବିକାର ଲଢ଼େଇ ସହିତ କିଛିଟା ଝଲକ୍ ମେଳା ପରିସରରେ ଖୋଲିଥିବା ମଣ୍ଡପଗୁଡ଼ିକରେ ଦେଖିବାକୁ ମିଳିଥିଲା । ଦଶ ଦିନ ମଧ୍ୟରେ ପ୍ରାୟ ୬ ଲକ୍ଷ ୫୦ ହଜାର ଲୋକ ମେଳା ପରିଦର୍ଶନ କରିଥିଲେ । ଆଦିବାସୀ ମେଳାରେ କାରବାର କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବିଭିନ୍ନ ଷ୍ଟଲ ଓ ସଂସ୍ଥାଗୁଡ଼ିକୁ ଆଜିର ଉଦ୍ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା । ଉଦ୍ଯାପନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ଓ ସଦସ୍ୟ ସଚିବ ତଥା ମେଳାର ନୋଡାଲ ଅଫିସର ପ୍ରଫେସର ଡଃ. ଅଖିଳ ବିହାରୀ ଓତା ପ୍ରମୁଖ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପ୍ରଫେସର ଓତାଙ୍କ ଦ୍ୱାରା ସଂପାଦିତ ଦୁଇଟି ପୁସ୍ତକ ଯଥା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ଆଜି 'ସରଗିଫୁଲ'ର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ର ଶୁଭାରମ୍ଭ ହୋଇଥିଲା । ସରଗୀଫୁଲ ୨୦୨୧ ଉତ୍ସବରେ ଉତମ ପ୍ରଦର୍ଶନ କରିଥିବା ରାୟଗଡ଼ା, କୋରାପୁଟ ଓ ମୟୂରଭଞ୍ଜ ଜିଲ୍ଲାକୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

ମେଳା ସମୟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତମ ପ୍ରଦର୍ଶନ, ନିଜସ୍ୱ ଉତ୍ପାଦିତ ସାମଗ୍ରୀର ବିକ୍ରୟ ଆଧାରରେ ଆଇଟିଡିଏ, ପାନପୋଷର ସଂଜୀବନୀ ଏସ୍ଏଚ୍ଜି ପ୍ରଥମ, ଆଇଟିଡ଼ିଏ, କେଉଁଝରର ମା'ଗାୟତ୍ରୀ ଏସ୍ଏଚ୍ଜି ଦ୍ୱିତୀୟ ଏବଂ ଆଇଟିଡିଏ, ଜୟପୁରର ବାସୁମତୀ ଏସ୍ଏଚ୍ଜି ଏବଂ ମଠାପଡ଼ା ଡୋକ୍ରା ଏସ୍ଏଚ୍ଜି ତୃତୀୟ ହୋଇଥିଲେ। ସେହିପରି ମାଇକ୍ରୋ ପ୍ରୋଜେକଫ ପ୍ରାୟୋଜିତ ଡିକେଡିଏ, ଚାଟିକଣାର ମା' ଭୈରବୀ ଏସ୍ଏଚ୍ଜି ପ୍ରଥମ, ଏଚ୍କେ ଆଣ୍ଡ ଏମଡିଏ, ଯଶୀପୁରର ମା'ସରସ୍ୱତୀ ଏସ୍ଏଚ୍ଜି ଦ୍ୱିତୀୟ ଏବଂ ଡିଡିଏ, କୁଡୁମୁଲୁଗୁମ୍ମାର ମା'ବନଦୁର୍ଗା ଏସ୍ଏଚ୍ଜି ତୃତୀୟ, ମିଶନ ଶକ୍ତିର ଜ୍ୟୋତି ଏସ୍ଏଚ୍ଜି ଏବଂ ଶ୍ରଦ୍ଧା ଏସ୍ଏଚ୍ଜି, ଓରମାସ୍ ର ବିଶ୍ୱ ମା' ଗାୟତ୍ରୀ ଏସ୍ଏଚ୍ଜିଙ୍କୁ ବିବେଚନା କରାଯାଇ ପୁରସ୍କୃତ କରାଯାଇଛି ।

ଆଜିର ନୃତ୍ୟ ପ୍ରଭାଗରେ ନବରଙ୍ଗପୁରର ଭୋତଡ଼ା ନୃତ୍ୟ, ଗଣ୍ଡ ନୃତ୍ୟ, ବାଲିପରବ ଏବଂ ଗୁଣୁପୁରର ସଉରାଙ୍କ ମିରିଆ ନାଚରେ ଦର୍ଶକ ବିମୋହିତ ହୋଇଥିଲେ ।

# ଚତୁର୍ଥ ଲହର ସମ୍ଭାବନା ଯଥେଷ୍ଟ କମ୍ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩/୦୫ (ନି.ପ୍ର): ଆଇଆଇଟି କାନପୁରର ତଥ୍ୟ ଅନୁସାରେ କୌଣସି ସ୍ଥାନ କରୋନା ମୁକ୍ତ ନୁହେଁ । ଆଇଆଇଟି କହିଥିଲା ଜୁନରେ ଚତୁର୍ଥ ଲହର ଆସିବ। କିନ୍ତୁ ଏବେ ଚତୁର୍ଥ ଲହର ସମ୍ଭାବନା ଯଥେଷ୍ଟ କମ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

ସେ କହିଛନ୍ତି ଯେ ଯଦି ଚତୁର୍ଥ ଲହର ଆସେ ବିଶେଷ ପ୍ରଭାବ ପକାଇବ ନାହିଁ। ଦିଲ୍ଲୀକୁ କରୋନା ଆସିବା ପ୍ରାୟ ମାସେ ହେଲାଣି। ହେଲେ ଏଯାଏଁ ରାଜ୍ୟରେ ଏହାର ପ୍ରଭାବ ପଡ଼ିନାହିଁ। ଦୁଇ ଦିନ ତଳେ ଆସିଥିବା ତଥ୍ୟ କହୁଛି କରୋନା ଆକ୍ରାନ୍ତ ବର୍ତମାନ ଗୁରୁତର ହେଉ ନାହାନ୍ତି । ଯେଉଁଠି କରୋନା ବାହାରେ ତାହାଲେ ସେଠାରେ ପଦକ୍ଷେପ ନିଆଯିବ । ଏହାସହ ଦିଲ୍ଲୀକୁ କରୋନା ଆସିବା ପ୍ରାୟ ମାସେ ହେଲାଣି । ହେଲେ ଏଯାଏ ରାଜ୍ୟରେ ଏହାର ପ୍ରଭାବ ପଡ଼ିନାହିଁ। ରାଜ୍ୟରେ ସିଭିଅରଟି ନାହିଁ, ହସ୍ପିଟାଲାଇଜେନ ନାହିଁ। ରାଜ୍ୟ ଏବେ ଭଲ ସ୍ଥିତିରେ ଅଛି। ତେଣୁ କୌଣସି ଆତଙ୍କିତ ହେବାର ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩ ଜଣ ସ୍ଥାନୀୟ ସଂକ୍ରମିତ। ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରୁ ଜଣେ, ସମ୍ବଲପୁରରୁ ୨ ଜଣ ଓ ଷ୍ଟେଟ୍ ପୁଲ୍ରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଗତକାଲି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଥିଲା ୧୧।

ନୂଆ କରି ସୁସ୍ଥ ହୋଇଛନ୍ତି ୪ ଜଣ। ନୂତନ ସଂକ୍ରମିତଙ୍କ ସଂଖ୍ୟାକୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୨ ଲକ୍ଷ ୮୮ ହଜାର ୭୫ରେ ପହଞ୍ଚିଛି। ଏବେ ସୁଦ୍ଧା ସର୍ବମୋଟ୍ ସୁସ୍ଥ ହୋଇ ସାରିଲେଣି ୧୨ ଲକ୍ଷ ୭୮ ହଜାର ୮୦୬ ଜଣ। ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ରହିଛି ୯୦।

# ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଲେ ତାରା

ଭୁବନେଶ୍ୱର,୩/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବିଧାୟକ ତାରା ବାହିନୀପତି ରବିବାର ଦିନ କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଛନ୍ତି। ନିଜେ ତାରାବାହିନୀ ପତି ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ବ୍ୟକ୍ତିଗତ କାରଣରୁ ଦଳ ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଛି। ପିସିସି ସଭାପତି ପଦ ସମ୍ପର୍କରେ ତାରା ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, କାହାକୁ ଖୋସାମଦ କରିନି, କିନ୍ତୁ ପଦ ମିଳିଲେ ଛାଡ଼ିବି ନାହିଁ।

# ଏମ୍ସରେ ଯୋଡ଼ାହେଲା ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ହାତ ବୁଢ଼ା ଆଙ୍ଗୁଳି

ଭୁବନେଶ୍ୱର ,୩/୦୫ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ଛିଡ଼ିଯାଇ ଅଲଗା ହୋଇଯାଇଥିବା ବାମ ହାତ ବୁଢ଼ା ଆଙ୍ଗୁଳିକୁ ସଫଳତାର ସହିତ ପୁନର୍ବାର ଯୋଡ଼ା ଯାଇଛି। ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ସଞ୍ଜୟ ଗିରିଙ୍କ ନେତୃତ୍ୱରେ ଗଠିତ ଏକ ଡାକ୍ତରୀ ଦଳ ଦ୍ୱାରା ୧୦ ଘଂଟାର କଠିନ ଅସ୍ତ୍ରୋପଚାର ପରେ ଏହି ପ୍ରକ୍ରିୟା ସଫଳ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ସହିତ ୧୦ ଦିନ ଏମ୍ସରେ ରହିବା ପରେ ଘରକୁ ଫେରିଛନ୍ତି। ପୁନଃଯୋଡ଼ା ଯାଇଥିବା ବାମ ବୁଢ଼ା ଆଙ୍ଗୁଠିରେ ସ୍ୱାଭାବିକ ରକ୍ତ ସଂଚାଳନ ହୋଇଛି, ତେଣୁ ଯୋଡ଼ିବା ପ୍ରକ୍ରିୟା ସଫଳ ହୋଇଥିବା ପ୍ରକାଶ କରିଛନ୍ତି ଡ. ଗିରି। ପ୍ରଥମ ଥର ପାଇଁ ଏମ୍ସ ଭୁବନେଶ୍ୱରରେ ଏପରି ସଫଳ ଆଙ୍ଗୁଠି ପୁନଃପ୍ରତିରୋପଣ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ରବୀନ୍ଦ୍ର ମୁଦୁଲି (୫୪) ନାମକ ଜଣେ ବ୍ୟକ୍ତି ଗତ ମାସ ୨୦ ତାରିଖରେ ରାତି ପ୍ରାୟ ୨ ଟା ସମୟରେ ଏମ୍ସ ଭୁବନେଶ୍ୱର ଜରୁରୀ ବିଭାଗକୁ ଆସିଥିଲେ। ଉକ୍ତ ବ୍ୟକ୍ତିଙ୍କ ବାମ ହାତର ବୁଢ଼ା ଆଙ୍ଗୁଠି ଉକ୍ତ ରାତି ପ୍ରାୟ ୯ଟା ସମୟରେ କଟର ମେସିନ୍ ରେ କଟି ସମ୍ପୂର୍ଣ୍ଣ ଛିଡ଼ିଯାଇଥିଲା। ସେ କଟିଯାଇଥିବା ଆଙ୍ଗୁଠିକୁ ବରଫ ସହାୟତାରେ ସଂରକ୍ଷିତ କରି ଆଣିଥିଲେ। ଆହତଙ୍କ ଚିକିତ୍ସା ଆରମ୍ଭ ହେବା ସହିତ ପରଦିନ ସକାଳ ୯ଟାରେ ଅସ୍ତ୍ରୋପଚାର ନିମନ୍ତେ ସ୍ଥିର ହୋଇଥିଲା। ଛିଡ଼ି ଯାଇଥିବା ଉକ୍ତ ବାମ ବୁଢ଼ା ଆଙ୍ଗୁଠିକୁ ନିମ୍ନ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଇଥିଲା। ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡ. ସଞ୍ଜୟ ଗିରି, ଡ.ଶାନ୍ତନୁ ସୁବାଙ୍କ ନେତୃତ୍ୱରେ ହୋଇଥିବା ଏହି ଅପରେସନ୍ ରେ ଡ. କୌଶିକ, ଡ. ଆହାନା ଏବଂ ଡ. ଗୋପିକା ସହଯୋଗ କରିଥିଲେ। ଡ. ନୀତାଶା ଏବଂ ଡ. ପ୍ରେମାଂସୁ ଙ୍କୁ ନେଇ ଗଠିତ ନିଶ୍ଚେତକ ଦଳ ଏଥିରେ ସାମିଲ ଥିଲେ।

ଅସ୍ତ୍ରୋପଚାର ଆରମ୍ଭ କରିବା ସହିତ ପ୍ରଥମେ ମାଇକ୍ରୋସ୍କୋପ୍ ସହାୟତାରେ ଛିଡ଼ି ଅଲଗା ହୋଇଯାଇଥିବା ଧମନୀ, ଶିରାପ୍ରଶିରା ଏବଂ ସ୍ନାୟୁକୁ ଯତ୍ନର ସହିତ ଯୋଡ଼ା ଯାଇ ସମସ୍ତ ପ୍ରକ୍ରିୟା ସମ୍ପାଦିତ କରାଯାଇଥିଲା। ଏହା ପ୍ରାୟ ୧୦ ଘଂଟା ସମୟ ନେଇଥିଲା। ଧୀରେ ଧୀରେ ଫିଜିଓଥେରାପି ଏବଂ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ସହାୟତାରେ ପ୍ରାୟ ୩-୪ ମାସ ମଧ୍ୟରେ ଏହି ଆଙ୍ଗୁଠି ସ୍ୱାଭାବିକ କାମ କରିବା ଆରମ୍ଭ କରିବ ବୋଲି ଡ. ଗିରି ପ୍ରକାଶ କରିଛନ୍ତି।

ଡକ୍ଟର ଗିରିଙ୍କ କହିବା ଅନୁଯାୟୀ ଏପରି ଜଟିଳ ପରିସ୍ଥିତିରେ ପ୍ରଥମ ଛଅ ଘଂଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଏପରି ଘଟଣା ଘଟେ, ସେତେବେଳେ କଟି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିବା ଅଂଶକୁ ଏକ ଗଜ୍ କନା କିମ୍ବା କପଡାରେ ଗୁଡ଼ାଇବା ସହିତ ଏକ ପଲିଥିନ୍ରେ ରଖିବା ଉଚିତ୍। ସଙ୍ଗେସଙ୍ଗେ ଉକ୍ତ ପଲିଥିନ୍ କୁ ଏକ ବରଫ ଚାମ୍ବରରେ ସଠିକ୍ ଭାବରେ ସଂରକ୍ଷିତ କରି ରଖିବା ଉଚିତ୍। ଅଲଗା ହୋଇଯାଇଥିବା ଅଙ୍ଗକୁ ସିଧାସଳଖ ବରଫରେ ରଖାଯିବା ଉଚିତ୍ ନୁହେଁ। ଏହାପରେ ତୁରନ୍ତ ରୋଗୀଙ୍କୁ ହସ୍ ପିଟାଲ ଆଣିବା ଆବଶ୍ୟକ ବୋଲି ଡ. ଗିରି ମତ ପ୍ରକାଶ କରିଛନ୍ତି।

# ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଗୁଡିକରେ ଅଣସଂରକ୍ଷିତ ଯାତ୍ରାର ପୁନଃ ପ୍ରଚଳନ

ଭୁବନେଶ୍ୱର,୩/୦୫ (ନି.ପ୍ର): ପୂର୍ବତଟ ରେଳପଥରୁ ଉତ୍ପନ୍ନ ହେଉଥିବା ୯୩ଟି ଟ୍ରେନରେ ଅଣ ସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ଯାତ୍ରା ଉପଲବ୍ଧ। ମଇ ମାସ ପହିଲା ଠାରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହ ମଧ୍ୟରେ ପର୍ଯ୍ୟାୟକ୍ରମେ ସମସ୍ତ ଟ୍ରେନମାନଙ୍କରେ ଅଣ ସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ଯାତ୍ରା ଉପଲବ୍ଧ ହେବ। ଏହି ଟ୍ରେନମାନଙ୍କରେ ଅଣ ସଂରକ୍ଷିତ ଟିକେଟିଙ୍ଗ ସିଷ୍ଟମ୍ ପ୍ରଣାଳୀ ଟିକେଟ୍ ଦିଆଯିବ।

କୋଭିଡ -୧୯ ମହାମାରୀ ସମୟରେ, ଭାରତୀୟ ରେଳବାଇ ସମସ୍ତ ଟ୍ରେନରେ ଅଣ ସଂରକ୍ଷିତ ଯାତ୍ରା ସୁବିଧା ଉପରେ ପ୍ରତିବନ୍ଧକ ଲଗାଇଥିଲା ଏବଂ କରୋନା ଭାଇରସ୍ ବିସ୍ତାରକୁ ରୋକିବା ପାଇଁ ଏହାକୁ ସଂରକ୍ଷିତ କୋଚ୍ କରିଥିଲା। କୋଭିଡ-୧୯ ପରିସ୍ଥିତିକୁ ନଜର ଦେଇ ଏବଂ ସ୍ଥିତିର ସ୍ୱାଭାବିକତାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଶ୍ରେଣୀରେ ବସିକି ଯାତ୍ରା କରିବା ସେବା ପ୍ରଯୁଜ୍ୟତା ଅନୁଯାୟୀ ଅଣ ସଂରକ୍ଷିତ ଏବଂ ସଂରକ୍ଷିତ ରଖିବା ପାଇଁ ସ୍ଥିର କରାଯାଇଛି।

ପରିସ୍ଥିତିର ଆହୁରି ଉନ୍ନତିକୁ ଦୃଷ୍ଟିରେ ରଖି ସମସ୍ତ ମେଲ/ଏକ୍ସପ୍ରେସ ଟ୍ରେନରେ ପ୍ରଯୁଜ୍ୟତା ଅନୁଯାୟୀ ଅଣ ସଂରକ୍ଷିତ ଟିକେଟିଙ୍ଗ ସିଷ୍ଟମ ସୁବିଧା ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଦ୍ୱାରା ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚରେ ୯୩ ଟି ମେଲ/ଏକ୍ସପ୍ରେସ ଟ୍ରେନମାନଙ୍କରେ ପ୍ରଯୁଜ୍ୟତା ଅନୁଯାୟୀ ଅଣ-ସଂରକ୍ଷିତ ଯାତ୍ରା ସୁବିଧା ପୁନଃ ପ୍ରଚଳନ କରିବାକୁ ନିଷ୍ପତି ନେଇଛି। ୧ ମଇ ୨୦୨୨ ଠାରୁ ଏହି ସେବା ପର୍ଯ୍ୟାୟ କ୍ରମେ ଆରମ୍ଭ କରାଯାଇ ଅଗଷ୍ଟ ପହିଲା ମଧ୍ୟରେ ସମସ୍ତ ଟ୍ରେନ ରେ ଏହି ସେବା ଉପଲବ୍ଧ କରାଯିବ। ୯୩ଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟରୁ ୧୭ଟି ଟ୍ରେନ୍ ଇଂଟର ସିଟି ପରି ଟ୍ରେନ୍ମାନଙ୍କରେ ଯେଉଁଠାରେ ଦ୍ୱିତୀୟ ଶ୍ରେଣୀ ଯାତ୍ରା ଅଣ ସଂରକ୍ଷିତ ଏବଂ ସଂରକ୍ଷିତ କୋଚ୍ ଭାବରେ ଚିହ୍ନିତ ହେବ। ସେହିଭଳି, ଅନ୍ୟ ୭୬ ଦୂରଗାମୀ ମେଲ୍ / ଏକ୍ସପ୍ରେସ ଟ୍ରେନରେ ଦ୍ୱିତୀୟ ଶ୍ରେଣୀ ସିଟିଂ ଯାତ୍ରା କୋଭିଡ୍ ପୂର୍ବ ଭଳି ପ୍ରଯୁଜ୍ୟ ହେବ।

# ୩ ବର୍ଷରେ ହଜାର ଜଳଧାରକ ନିର୍ମାଣ କରିବେ ସରକାର

ଭୁବନେଶ୍ୱର,୩/୦୫ (ନି.ପ୍ର): ଆସନ୍ତା ୩ବର୍ଷରେ ପ୍ରାୟ ହଜାରଟି ପୋଲ ତଥା ଜଳଧାରକ(ବ୍ରିଜ୍ କମ୍ ୱାଟର ୱେୟାର) ନିର୍ମାଣ କରିବେ ରାଜ୍ୟ ସରକାର। ଏହି ପଦ୍ଧତିରେ ପୋଲ ତଳେ ଅଳ୍ପ ଉଚ୍ଚତା ବିଶିଷ୍ଟ ଜଳଧାରଣ ନିର୍ମାଣ କରାଯାଏ। ଯାହାକି ବୋହି ଯାଉଥିବା ବର୍ଷାଜଳକୁ ପ୍ରାୟ ୧-୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ଧାରଣ କରିବାରେ ସକ୍ଷମ ହୋଇଥିଲା। ଉଦ୍ବୃତ୍ତ ଜଳ ପୋଲର ଅନ୍ୟପଟକୁ ସ୍ୱାଭାବିକ ଭାବେ ପ୍ରବାହିତ ହୋଇଥାଏ। ପରୀକ୍ଷାମୂଳକ ଭାବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୪୯ଟି ଜଳଧାରକ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ତହିଁରୁ ୧୨ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବର୍ଷା ଋତୁର ଜଳପ୍ରବାହରେ ମଧ୍ୟ ଏହି ଚେକ୍ ଡ୍ୟାମ୍ କ୍ଷତିଗ୍ରସ୍ତ ହୋଇ ନ ଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ସୂଚନା ମିଳିଛି। ଲୋକସେବା ଭବନରୁ ଡିଜିଟାଲ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ମହାପାତ୍ର କହିଥିଲେ ଯେ ଅଳ୍ପ ଖର୍ଚ୍ଚରେ ଏସବୁ ନିର୍ମାଣର ବହୁମୁଖୀ ସଫଳତା ରହିଛି। ୧ରୁ ୨ କି.ମି ଦୀର୍ଘ ପର୍ଯ୍ୟନ୍ତ ନଦୀ ଶଯ୍ୟାରେ ଜଳ ପତନ ଅଧିକ ରହିଥାଏ। ଏହା ଭୂତଳ ଜଳ ପ୍ରତିପୂରଣରେ ସହାୟକ ହୋଇଥାଏ। ଯାହାକି ଭୂତଳ ଜଳ ପ୍ରତିପୂରଣରେ ସହାୟକ ହୋଇଥାଏ। ସଞ୍ଚିତ ଜଳକୁ କୃଷି, ପାନୀୟ ଜଳ ପ୍ରକଳ୍ପ ଆଦି ପାଇଁ ବ୍ୟବହାର କରିହୁଏ। ଜମିର ଆର୍ଦ୍ରତା ମଧ୍ୟ ବଢ଼ିଥାଏ। ଏ ପ୍ରକାର ନିର୍ମାଣ ଯୋଗ୍ୟ ସମସ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଓ ପୂର୍ତ ବିଭାଗ ରାସ୍ତାରେ ଥିବା ପୋଲଗୁଡ଼ିକୁ ଚିହ୍ନଟ କରିବା ଜରୁରୀ। ନିର୍ଧାରିତ ସମୟସୀମା ଭିତରେ ଏହି କାର୍ଯ୍ୟ ସାରିବା ପାଇଁ ଏକ ୩ ବର୍ଷିୟା କାର୍ଯ୍ୟ ଯୋଜନା ପ୍ରସ୍ତୁତି ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

ଉନ୍ନୟନ କମିସନର ପ୍ରଦୀପ ଜେନା କହିଥିଲେ, ବ୍ରିଜ୍ କମ ୱାଟର ଓୟାର ନିର୍ମାଣ ନଦୀର ସାଧାରଣ ଜଳପ୍ରବାହ ଉପରେ କେ ?ଣସି ପ୍ରତିକୂଳ ପ୍ରଭାବ ପକାଏ ନାହିଁ। ଏହି ମୁଖ୍ୟତଃ ଦୁଇଟି ପଦ୍ଧତିରେ କରାଯାଇଥ ?।ଏ। ସ୍ୱୟଂଚାଳିତ ଗେଟ୍ ପଦ୍ଧତି ଓ ବିନା ଗେଟରେ କେବଳ ଜଳଧାରକ ନିର୍ମାଣ ପଦ୍ଧତି। ଏହି ଉଭୟ ପଦ୍ଧତି ରାଜ୍ୟ ପାଇଁ ଉପଯୋଗୀ ସେ କହିଥିଲେ। ଜଳଧାରକ ନିକଟବର୍ତୀ ସ୍ଥାନର ଉଭୟ ପାର୍ଶ୍ୱ ଜମିକୁ ଉଠାପାଇପ ଜରିଆରେ ଜଳସେଚନ ବ୍ୟବସ୍ଥା କରି କୃଷକମାନଙ୍କୁ ଅଣଧାନ ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରିବା ଲାଗି ଜରୁରୀ ବୋଲି ଶ୍ରୀ ଜେନା କହିଥିଲେ। ପୂର୍ତ ବିଭାଗର ସ୍ୱତନ୍ତ୍ର ସଚିବ ମନୋରଂଜନ ମିଶ୍ର କହିଥିଲେ, ଢେଙ୍କାନାଳ, କଳାହାଣ୍ଡି, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ନଦୀ ଓ ନାଳ ଉପରେ ଥିବା ହାଇ ଲେଭଲ ପୋଲ ତଳେ ୧୨ଟି ୱାଟର-ଓୟାର ନିର୍ମାଣ କରାଯାଇଛି। ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଜିଲ୍ଲାରେ ଅବଶିଷ୍ଟ ୩୪ଟି ଜଳଧାରଣ ନିର୍ମାଣ କରାଯାଉଛି। ୧-୧.୫ ମିଟର ଜଳଧାରଣ ନିର୍ମାଣ ପାଇଁ ୧ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହା ୧ହଜାର ଘନ ମି. ଜଳଧାରଣ କରିପାରୁଛି। ଗୋଟିଏ ୩୦ ମି. ପୋଲ ତଳେ କରାଯାଉଥିବା ଜଳଧାରଣ ୩୦ହଜାର ଘନ ଫୁଟ ଜଳ ଧାରଣ କରିପାରିବ ଓ ନଦୀ ଶଯ୍ୟାରେ ଏହି ଜଳ ପତନ ପ୍ରାୟ ୧ରୁ ୨ କି.ମି ପର୍ଯ୍ୟନ୍ତ ବ୍ୟାପ୍ତ ରହିଥିବା ସେ ସୂଚନା ଦେଇଛନ୍ତି। ବେ ?ଠକରେ ଜଳ ସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ, ପୂର୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ।

# ନେହେରୁ ଯୁବ ପ୍ରତିଷ୍ଠାନର ୫୦ ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର,୩/୦୫ (ନି.ପ୍ର): ରାଜ୍ୟର ଅଗ୍ରଣୀ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନ ୫୦ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏଥିପୂର୍ବରୁ ୨୮ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୮ତାରିଖରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈକୁଣ୍ଠ ନାଥ ମିଶ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସନ୍ଧ୍ୟାରେ ସପ୍ତମ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସେହିପରି୨୯ ତାରିଖ ଏଏସ୍ଜି ଓ ସିୱାଇପିଓଟି ଦ୍ୱାରା ଚକ୍ଷୁ, ମଧୁମେହ, ରକ୍ତ ପରୀକ୍ଷଣ, ଦନ୍ତ, ଇସିଜିଂ ମାଗଣାରେ ଅନୁଷ୍ଠିତ ହୋଇଥିଲା। ୩୦ ତାରିଖରେ ନମୋଃ ସହଯୋଗରେ ନୂଆଗାଁସ୍ଥ ଶ୍ରୀକୃଷ୍ଣ ଆନନ୍ଦ ବୃଦ୍ଧାଶ୍ରମଠାରେ ଆନନ୍ଦ ଉତ୍ସବର ଏକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମେ ୧ ତାରିଖ ଅପରାହ୍ନରେ ନେହେରୁ ଯୁବ ପ୍ରତିଷ୍ଠାନ ପରିସରରେ ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ଫୁଲଗୁନ୍ଥା ପ୍ରତିଯୋଗିତା ହୋଇଥିଲା। ୨ ତାରିଖ ଅପରାହ୍ନରେ ସାଥୀ ଅନୁଷ୍ଠାନ ପକ୍ଷରୁ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ୨୦ ଟଙ୍କାରେ ଡ଼ାକ୍ତରୀ ପରାମର୍ଶ ଦିଆଯାଇଥିଲା ଓ ପଞ୍ଜିକରଣ କରିଥିବା ବ୍ୟକ୍ତିବିଶେଷ ମାନେ ରିହାତି ମୂଲ୍ୟରେ ଔଷଧ କ୍ରୟ କରିପାରିବେ। ଅପରାହ୍ନ ୪ଟାରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ, ବିଶିଷ୍ଟ ସାହିତ୍ୟିକ ଅସିମ ମହାନ୍ତି, ରାଷ୍ଟ୍ରୀୟ ଲୋକସେବକ ମଣ୍ଡଳର ସମ୍ପାଦକ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଡ଼ିଏଭି ଓଡ଼ିଶା ଶାଖା ଆଂଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ, ଯୁବ ସାହସିକତା ପାଇଁ ଚିତ ରଞ୍ଜନ ପ୍ରଧାନଙ୍କୁ ଅତିଥିମାନେ ମାନେ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ କୃତି ନୃତ୍ୟ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଏବଂ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ ପ୍ରମୁଖ ଯୋଗଦେଇ ନେହେରୁ ଯୁବ ପତିଷ୍ଠାନ ରାଜ୍ୟର ସର୍ବ ପୁରାତନ ଅନୁଷ୍ଠାନ ହୋଇ ବହୁ ଜନହିତକର କାର୍ଯ୍ୟ ଜନସାଧାରଣଙ୍କ ମଧ୍ୟରେ ଆଦୃ ହୋଇ ଆଜି ୫୦ ବର୍ଷରେ ପଦାର୍ପଣ କରି ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବାରୁ ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଉତୋରତର ଉନ୍ନତି କାମନା କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତିକ ଶ୍ରମିକ ଦିବସ -୨୦୨୨ ପାଳିତ



ବାରିପଦା, ୦୩/୦୫ (ନି.ପ୍ର): ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୨ଜିଲ୍ଲାସ୍ତରୀୟ ସମାରୋହ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ତତ୍ୱାବଧାନରେ ଜିଲ୍ଲାଶ୍ରମ ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ତା୦୧.୦୫.୨୦୨୨ରିଖ ବାରିପଦାଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସମ୍ମାନୀତ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ସାରକଣା ବିଧାୟକ ଡା.ବୁଢାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦାଃ, ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ୍ ଭରଦ୍ୱାଜ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ସମାରୋହକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୂଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଶ୍ରମିକ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରି କହିଲେ ଯେ ସମାଜର କୋଠା ବାଡି, ରାସ୍ତା ଘାଟ ଓ ସମସ୍ତ ଭିତି ଭୂମି ବିକାଶ ନିର୍ମାଣ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଦ୍ୱାରା ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଅଧିକାର ଓ ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଅଛି । ଜିଲ୍ଲାରେ ଥିବା ସମସ୍ତ ଶ୍ରମିକମାନେ ନିଜର ନାମ ପଞ୍ଜିକୃତ କରାଇ ଉଦ୍ଦିଷ୍ଟ ଥିବା ସମସ୍ତ ସୁବିଧା ସୁଯୋଗ ଗ୍ରହଣ କରି ତାହାର ସଦ୍‌ଉପଯୋଗ କରି ଆଗକୁ ବଢିବା ପାଇଁ ନିଜର ପିଲାମାନଙ୍କୁ ଶିକ୍ଷିତ କରାଇବା, ଦକ୍ଷତା ଅର୍ଜନ କରି ନିଜର ସମାଜିକ ଆର୍ଥିକ ବିକାଶ ଉନ୍ନତି ଆଣିବା ପାଇଁ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ମୋରଡା ବିଧାୟକ ଶ୍ରୀ ରାଜ କିଶୋର ଦାସ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରକଣା ବିଧାୟକ ଡା.ବୁଢାନ ମୁର୍ମୁ,ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦାଃ ପ୍ରମୁଖ ସମାରୋହରେ ସମବେତ ନିର୍ମାଣ ଶ୍ରମିକ ମାନଙ୍କ ଉଦେଶ୍ୟରେ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ଏବଂ ଓଡିଶା କୁଠାବାଡି ଓ ଅଣସଂଗଠିତ ନିର୍ମାଣ ଶ୍ରମିକ ଅନ୍ୟାନ୍ୟ ନିର୍ମାନ ମାନଙ୍କ ତଥା ସେମାନଙ୍କ ପରିବାର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବା ସରାକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସୁବିଧା ସୁଯୋଗ ନେଇ ଏହାର ସଦଉପ ଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଡେନମାର୍କରେ ପ୍ରଧାନମନ୍ତ୍ରୀ....

ପ୍ରତିନିଧସ୍ତରୀୟ ବୈଠକ ବସିଛି । ବୈଠକରେ ଜଳବାୟୁ ପରିବର୍ତନ, ଶକ୍ତି ନବୀକରଣ, ପ୍ରତିରକ୍ଷାକ୍ଷେତ୍ରରେ ଉପରେ ବୈଠକରେ ଆଲୋଚନା କରାଯାଇଛି । ଏଥିସହ ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ନେଇ ମଧ ଆଲୋଚନା ହୋଇଛି । ଡେନମାର୍କରେ ପହଁଚିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୋପେନହେଗନ ବିମାନବନ୍ଦରରେ ପାଛୋଟି ନେବାକୁ ନିଜେ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକ୍ସନ ପହଁଚିଥିଲେ । ପରେ ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଦୁଇ ରାଷ୍ଟ୍ରନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଡେନମାର୍କ ରହଣୀ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଉ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେବେ । ଇଣ୍ଡିଆ-ନର୍ଡିକ ସମ୍ମିଳନୀରେ ଯୋଗ ଦେବେ । ପରେ ଇଣ୍ଡିଆ ଡେନମାର୍କ ବିଜନେଓ ସମ୍ମିଳନୀକୁ ସମ୍ବୋଧନ କରିବେ । ଏହାର କିଛି ସମୟ ପରେ ପ୍ରବାସୀଭାରତୀୟଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ମୋଦି ।

## ବିଶ୍ୱକୁ ମାଡିଆସିବ ଅନେକ....

କହିଛନ୍ତି ଯେ, ଭବିଷ୍ୟତର ମହାମାରୀରୁ ବଞ୍ଚିବାକୁ ହୁଏ ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେବ । କାରଣ ଜଳବାୟୁ ପରବର୍ତ୍ତନ ଏବଂ ଭୂତାଣୁ ସଂକ୍ରମଣ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଏଥିପାଇଁ ଗ୍ରୀନ ହାଉସ୍ ଗ୍ୟାସ୍ ଏବଂ ଇନ୍ଧନ ବ୍ୟବହାରକୁ କମ କରିବା ନିହାତି ଜରୁରୀ । ନିକଟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ରିପୋର୍ଟ ପ୍ରକାଶ କରିଛି ଜାତିସଂଘ । ଏଥିରେ କେବଳ ମହାମାରୀ ନୁହେଁ ବରଂ ଏଥିଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ହଜାର ହଜାର ସଂଖ୍ୟାରେ ପ୍ରାକୃତିକ ବିପର୍ଯ୍ୟୟ ମାଡି ଆସିବ । ପରିବେଶ ଉପରେ ଜଳବାୟୁ ପରିବର୍ତ୍ତନ ଗୁରୁତର ପ୍ରଭାବ ପକାଉଛି । ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଓ ପ୍ରଦୂଷଣ ଯୋଗୁଁ କେତେବେଳେ ଅଦିନିଆ ବର୍ଷା ତ କେଉଁଠି ମରୁଡିର ହା ହା କାର ଦେଖିବାକୁ ମିଳୁଛି । ଫଳରେ ପ୍ରଭାବିତ ହୋଇଛି କୃଷିକ୍ଷେତ୍ର । ପୂର୍ବ ଅପେକ୍ଷା ହ୍ରାସ ପାଇଛି ଅମଳ ପରିମାଣ । ବିଶ୍ୱର ଅନେକ ରାଷ୍ଟ୍ର ଏବେ ଖାଦ୍ୟାଭାବ ଦେଇ ଗତି କରୁଛନ୍ତି । ଖାଲି ଏତିକି ନୁହେଁ ସାରା ବିଶ୍ୱ ଆଡକୁ ମିଡିଆସିଛି ଭୟଙ୍କର ମାହାମାରୀ । ଏତିକି ନୁହେଁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଗାମୀ ଦିନରେ ମାଡିଆସିବ ଅନେକ ପ୍ରାକୃତିକ ବିପଦ ।

## କୃଷ୍ଣସାଗରରେ ସମରସଜ୍ଜା....

ୟୁକ୍ରେନକୁ ସମର୍ଥନ କରୁଥିବା ନେଇ କ୍ରେମଲିନ ବାରମ୍ବାର ବ୍ରିଟେନକୁ ଧମକ ଦେଇ ଆସୁଛି । ଏହା ପରେ କୃଷ୍ଣସାଗରକୁ ନିଜ ସେନା ସହ ଏହି ୩ ଦେଶ ଓହ୍ଲାଇଥିବା ନେଇ ସୂଚନା ମିଳୁଛି । ଅନ୍ୟପଟେ ଆମେରିକା ନିଜର ସାମର୍ଥ୍ୟ ପ୍ରଦର୍ଶନ ଓ ନାଟୋ ସହଯୋଗୀମାନଙ୍କ ପ୍ରତି ପ୍ରତିବଦ୍ଧତାକୁ ଏହା ମାଧମରେ ପୁଣି ଦେଖାଇଛି । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ନାଟୋ ଦେଶମାନଙ୍କୁ କୃଷ୍ଣସାଗରରୁ ଦୂରେଇ ରଖିବା ପାଇଁ ଋଷର ନୂଆ ରଣନୀତି କଣ ହେବ ? ନାଟୋ ଦେଶ ଓ କୃଷ୍ଣ ସାଗର ମଧ୍ୟରେ ବଫର ଜୋନ କରିବ କି ଋଷ ? ୩୦୦ ବର୍ଷର ଇତିହାସ କହୁଛି ନିଜ ହାତରେ କୃଷ୍ଣସାଗରକୁ ରଖିବା ପାଇଁ ପୂର୍ବର ରୁଷ ଅନ୍ୟ ଦେଶମାନଙ୍କ ସହ ମୁହାଁମୁହିଁ ହୋଇସାରିଛି ଓ ଆବଶ୍ୟକ ପଡିଲେ ପୁଣି ମୁହାଁମୁହିଁ ହେବାକୁ ମଧ ପ୍ରସ୍ତୁତ ଅଛି ।

## ଅକ୍ଷୟ ତୃତୀୟାରେ କାଳିଆ ଟଙ୍କା....

ପ୍ରୋତ୍ସାହନ ରଖାଯାଇଥିବା ବେଳେ, ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । ସେହିପରି ଓଡିଶା ମିଲେଟ୍ ମିଶନରେ ୧୯ଟି ଜିଲ୍ଲାର ୧୮୨ଟି ବ୍ଲକ୍ ର ଚାଷୀ ମାନଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

## ୨ଦିନ ପରେ ବ୍ଲୁ ଲେକରୁ ମିଳିଲା ଶବ

ନୀଳଗିରି, ୦୩/୦୫ (ନି.ପ୍ର): ଗତ ରବିବାର ଦିନ ନୀଳଗିରି-ମିତ୍ରପୁର ନିକଟ ବ୍ଲୁ ଲେକ ରେ ଗାଧୋଇବା ବେଳେ ଏକ ଅଘଟଣ ଘଟି ପାଣିରେ ବୁଡ଼ି ଯାଇଥିଲେ ମୟୂରଭଞ୍ଜ ବେତନଟି ଅଂଚଳର ଜଣେ ଯୁବକ । ସୂଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ମିତ୍ରପୁର ଅଂଚଳର ଥିବା ପୁରାତନ ଖାଦାନ ଗୁଡ଼ିକ ସମୟାନୁକ୍ରମେ ହ୍ରଦର ଭ୍ରମ ସୃଷ୍ଟି କରୁଥିବାରୁ ବାଲେଶ୍ୱର ତଥା ବାଲେଶ୍ୱର ବାହାରୁ ବହୁ ପର୍ଯ୍ୟଟକ ଫଟୋଗ୍ରାଫି ସେଲଫି ନେବା କରିବାକୁ ଛୁଟି ଆସିଥାନ୍ତି । ଏହିପରି ରବିବାର ମଧ ମୟୂରଭଂଜ ବେତନଟି ଅଂଚଳରୁ ୯ଜଣ ଯୁବକ ମଧ୍ୟରୁ ପାଇକପଡ଼ା ଗ୍ରାମର ବିଶ୍ୱଜିତ କବାଟ ସାଙ୍ଗମାନଙ୍କ ସହିତ ଗାଧଉଥିବା ବେଳେ ଗୋଡ଼ ଖସିଯିବାରୁ ନିଖୋଜ ହୋଇଯାଇଥିଲେ । ଦୁଇ ଦିନର ଚେଷ୍ଟା ଅଗ୍ନିଶମ ବିଭାଗ, ପୋଲିସ, ଏନ.ଡି.ଆର.ଏଫ. ଖୋଜାଖୋଜି ପରେ ବି ପାଇ ପାରି ନ ଥିଲେ । ଆଜି ପୂର୍ବାହ୍ନରେ ପାଣିରେ ଭାସୁଥିବା ଅବସ୍ଥାରେ ମିଳିଥିଲା ମୃତ ଦେହ । ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଟିକୁ ଜବତ କରିବା ସହ ଶବ ବ୍ୟବଛେଟ କରିବା ସହ ଶବଟିକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

## ନିଆଁରେ ପୋଡି ମହିଳା ମୃତ, ହତ୍ୟା ଅଭିଯୋଗ ଆଣିଲେ ଭାଇ

ଖଇରା, ୦୩/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧିନ ନନ୍ଦୋର ଗ୍ରାମର ହେମନ୍ତ ନାୟକଙ୍କ ପତ୍ନୀ ମମତା ନିଆଁରେ ପୋଡି ହୋଇ ଗୁରୁତର ହେବା ପରେ ସୋମବାର ସନ୍ଧ୍ୟାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଆଖିବୁଜିଛନ୍ତି । ଝିଅକୁ ସ୍ୱାମୀ ଓ ଅନ୍ୟ ମାନେ ପୋଡି ମାରିଦେଇଥିବା ନେଇ ଭାଇ ରମାକାନ୍ତ ରାଉତ ଖଇରା ଥାନାରେ ରେ ଅଭିଯୋଗ କରିଛନ୍ତି । ବୋହୂ ଦେହରେ ପେଟ୍ରୋଲ ଢାଳି ପୋଡି ହୋଇ ଆତ୍ମହତ୍ୟା କରିଥିବା ନେଇ ଶ୍ୱଶୁର ଘର ଲେକେ କହିଛନ୍ତି । ଖଇରା ଥାନା ଘୁଷୁରି ଗଡିଆ ଗ୍ରାମର ଭାଇ ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ ଝିଅର ବିବାହ ୧୨ବର୍ଷ ତଳେ । ବିବାହ ର କିଛି ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କର ମନୋମାଳିନ୍ୟ ଘଟିଥିଲା । ଏଥିପାଇଁ ସ୍ୱାମୀ ଓ ଅନ୍ୟମାନେ ଶାରିରୀକ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ୨୭ତାରିଖ ଦିନ ଭଉଣୀ ପୋଡି ଗୁରୁତର ହେବା ଘଟଣା ଗାଁ ଆଶାକର୍ମୀ ଠାରୁ ଜାଣି ଖଇରା ମେଡିକାଲକୁ ଯାଇଥିଲେ । ଏବଂ ଶରୀର ର ୯୫ଭାଗ ପୋଡିଯିବା ବିଷୟ ଡାକ୍ତରଠାରୁ ଜାଣି ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସା ପାଇଁ କଟକ ନେଇଥିଲେ । ପୋଲିସ ଉପସ୍ଥିତିରେ ମଙ୍ଗଳବାର ଶବଦାହ କରାଯାଇଛି ।

## ତୃତୀୟ ଶ୍ରୀକ୍ଷେତ୍ରରେ ରଥ ଅନୁକୁଳ

ନୀଳଗିରି, ୦୩/୦୫ (ନି.ପ୍ର): ଅକ୍ଷୀ ତୃତୀୟ ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଆଜି ନିରାଡ଼ମ୍ବର ଭାବେ ରଥ ଅନୁକୁଳ, ଚନ୍ଦନ ଯାତ୍ରା ଉତ୍ସବ ଆରମ୍ଭ ହୋଇଛି । ରଥଯାତ୍ରା ଉପଲକ୍ଷେ ରୀତିନୀତି ଅନୁସାରେ ମହାକାଳୀ , ମହାନୃସିଂହ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଯାଗ ପଦ୍ଧତିରେ ଆଚାର୍ଯ୍ୟ ତଥା ପୁରୋହିତ ରଥ ନିର୍ମାଣ ପାଇଁ ଅଖରେ ଚକ ଲଗାଯାଇ ରଥ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମେ ଠାକୁରଙ୍କ ଦ୍ୱାରପିଠା, ଦେଉଳସୋଧ, ମଙ୍ଗଳଆଳତୀ, ମଇଳମ, ଅବକାଶନୀତି, ଆଜ୍ଞାମାଳ ନେଇ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ରାମକୃଷ୍ଣ ରଥାଖଳାକୁ ଯାଇ ଚନ୍ଦନ ବୋଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିଠାରୁ ପ୍ରତିଦିନ ତିନି ଠାକୁରଙ୍କୁ ଚନ୍ଦନରେ ଲେପନ କରାଯାଇଥାଏ । ସକାଳ ଧୂପ ପରେ ରାଜପରିବାର ପକ୍ଷରୁ ରାଜଗୁରୁ ରବୀନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅଖରେ ଚକ ଲଗାଯାଇଥିଲା । ଏହି ଅବସରରେ ବ୍ରହ୍ମା ସରୋଜ କୁମାର ନନ୍ଦ, ପ୍ରିୟବ୍ରତ କର, ପୂଜକ ହରିବନ୍ଧୁ କର, ପ୍ରହରାଜ ହରିନାରାୟଣ ନନ୍ଦ, ପୂର୍ଣ୍ୟଶ୍ଳୋକ ନନ୍ଦ, ଦେବେନ୍ଦ୍ର ନନ୍ଦ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ଠାକୁର ମାହାଲର ସଦସ୍ୟ ସମେତ ପ୍ରଶାସନିକ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବସ୍ତାରେ ଦୀର୍ଘ ୨ ବର୍ଷ ୨ ମାସ ପରେ ପୁଣି ଗଡିଲା ପାସେଞ୍ଜର ଟ୍ରେନ



ବସ୍ତା, ୦୩/୦୫ (ନି.ପ୍ର): କରୋନା ମହାମାରୀ ପାଇଁ ସରକାର ୨୦୨୦ ମସିହା ମାର୍ଚ୍ଚ ମାସରୁ ସମସ୍ତ ଯାତ୍ରୀବାହି ଟ୍ରେନକୁ ଚଳାଚଳ ପାଇଁ କଟକଣା ଲଗାଇଥିଲେ । ତେବେ ପରିସ୍ଥିତି ସ୍ୱାଭାବିକ ହେବା ପରେ କୋରୋନା କଟକଣା କୋହଳ ହୋଇଥିଲେବି ନିର୍ଦ୍ଦିଷ୍ଟ କିଛି ଏକ୍ସପ୍ରେସ ଚାଲୁଥିଲେ ମଧ ବସ୍ତାରେ ସେଗୁଡ଼ିକର ରହଣି ନଥିଲା । ଯାହା ପାଇଁ ରେଳଯାତ୍ରୀ ମାନେ ନାହିଁ ନଥିଲା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ବାରମ୍ବାର ବାରମ୍ବାର ଲୋକଙ୍କ ଦାବି ପରେ, ମଙ୍ଗଳବାର ଠାରୁ ପୁଣି ଖଡ଼ଗପୁର ଖୋର୍ଦ୍ଧାରୋଡ ଫାଷ୍ଟ ପେସେଞ୍ଜର ଟ୍ରେନ ଚଳାଚଳ କରିବା ଆରମ୍ଭ କରିବା ସହିତ ବସ୍ତା ରେଳ ଷ୍ଟେସନରେ ରହଣି କରିଥିଲା । ତେଣୁ ଏହାକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ସଡଙ୍ଗୀ ସବୁଜ ରଙ୍ଗର ପତାକା ଦେଖାଇ ସ୍ୱାଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବିଜେପି ନେତା ପରେଶ ବେହେରା,ବିଜେ ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ସାହୁ, ବସନ୍ତ ବାରିକ, ବସ୍ତା ବିଜେପିର ସମସ୍ତ କର୍ମକର୍ତ୍ତା ଓ ରେଳ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଶ୍ରୀଜଗନ୍ନାଥଙ୍କ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି ପ୍ରଦାନ



ବାଲେଶ୍ୱର, ୦୩/୦୫ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି କଲଚ୍ୟୁରାଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତରି ଅନନ୍ୟ ଓ ନିଆରା ଅଙ୍କନ ପରମ୍ପରାର ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ପୂର୍ବାହ୍ନ ୮ ଘଟିକାରେ ଶିଳ୍ପୀ କେଶୁଦାସ- ଜଗନ୍ନାଥଙ୍କ ଅନନ୍ତ ନାରାୟଣ, ଅରୁଣ କୁମାର ବାରିକ – ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଦେବାଶିଷ ପତି - ସୁଭଦ୍ରାଙ୍କ ଭୂବନେଶ୍ୱରୀ ପଟିଦିଅଁ ଆଙ୍କିବା ପାଇଁ ମନ୍ଦିରରୁ ବିଧି ପୂର୍ବକ ଚିତ୍ରକର ସ୍ୱୀକୃତି ପ୍ରଦାନ କରାଯାଇଛି । ଚଳିତ ବର୍ଷ ବାଲେଶ୍ୱରର ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାଣ୍ଡିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ୍ ଶ୍ରୀଜଗନ୍ନାଥ ମନ୍ଦିର, ଜୟଦେବ କସବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥ ଓ ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥ ଓ ରେମୁଣା ଜଗନ୍ନାଥ ମନ୍ଦିରରୁ ଯଥାବିଧି ସ୍ୱୀକୃତି ପ୍ରଦାନ କରାଯାଇଛି । ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ପୂଜକ ଜ୍ୟୋତିର୍ମୟ ପଣ୍ଡା, ମନ୍ଦିରର ମୁଖ୍ୟ ମନୋରଞ୍ଜନ ସାହୁ ତଥା ସହଯୋଗୀ ଚିତ୍ରଶିଳ୍ପୀ ଭବାନୀ ଶଙ୍କର ନାୟକ, ପପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବାବେଳେ ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥଙ୍କର ପୂଜକ ଆରତୀ ଦାସ ଓ ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥଙ୍କର ପୂଜକ ହରେକୃଷ୍ଣ ବେହେରା ବିଧି ସଂପାଦନ କରିଥିଲେ । ଆସନ୍ତା ଜୁନ୍ ମାସ ତା ୧୦ ରୁ ୧୪ ରିଖ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ବ୍ୟାପି ନୋସି ବିଜିନେଓ ପାର୍କର ଉକ୍ଳା ଶିଳ୍ପଗ୍ରାମରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ସହ ପଟ୍ଟଚିତ୍ରର ପ୍ରଦର୍ଶନୀ, କର୍ମଶାଳା, ପ୍ରତିଯୋଗୀତା ଓ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ପଟିଦିଅଁ ଅଙ୍କନ ଉତ୍ସବ ସଂପନ୍ନ ହେବ ।

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଏକ ଟ୍ୱିଟ୍ କରି କହିଛନ୍ତି , 'ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଚାଷୀମାନଙ୍କ ଅକ୍ଷୀମୁଠି ଅନୁକୂଳ ଶୁଭଙ୍କର ହେଉ । ଏହି ଅବସରରେ ଚାଷୀ ଭାଇଭଉଣୀଙ୍କ ସୁଖ ଓ ସମୃଦ୍ଧିମୟ ଜୀବନ କାମନା କରୁଛି ।'

## ରକ୍ତଦାତା ସଂଘ ଓ ଅନ୍ୟାନ୍ୟ ଗଣସଂଗଠନ ପକ୍ଷରୁ ୧୨ଦଫା ଦାବିରେ ଗଣଧାରଣା




ନୀଳଗିରି, ୦୩/୦୫ (ନି.ପ୍ର): ନୀଳଗିରି ରକ୍ତଦାତା ସଂଗଠନ ଓ ଅନ୍ୟାନ୍ୟ ଗଣ ସଂଗଠନ ପକ୍ଷରୁ ୧୨ ଦଫା ଦାବୀ ନେଇ ନୀଳଗିରି, ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଧାରଣା କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ୧୨ଘଟିକା ସମୟରେ ନୀଳଗିରି ର ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ଓ ଏସ.ଡି.ଏମ.ଓ. ସରୋଜିନୀ ପ୍ରଧାନ ଧାରଣାସ୍ଥଳକୁ ଆସି ନିମ୍ନଲିଖିତ ଦାବୀଗୁଡ଼ିକ ୧ମାସ ମଧ୍ୟରେ ପୂରଣ କରିବେ ବୋଲି ପ୍ରତିଶୃତି ଦେବାରୁ ଧାରଣା ୧ମାସ ପାଇଁ ସ୍ଥଗିତ ରହିଲା । ୧୨ଦଫା ଦାବୀ ଗୁଡ଼ିକ ହେଲା - ଭେଷଜ ଡାକ୍ତରୀ ପଦବୀ, ନିଶ୍ଚେତକ ଡାକ୍ତର ପଦବୀ, ନର୍ସିଂ ଶିକ୍ଷର ପଦବୀ ୪ଜଣ, ୨ଜଣ ଏଲ.ଟି. ପଦବୀ ପୁରଣ, ନୂତନ କୋଠାରେ ୱାର୍ଡ ପାଇଁ ର୍ୟାମ୍ପର ବ୍ୟବସ୍ଥା, ଅଲଟ୍ରାସାଉଣ୍ଡ ମେସିନ, ଦନ୍ତ ବିଭାଗ ଚାଲିବା, ଡାକ୍ତରମାନେ କ୍ୱାଟରରେ ରହିବା ସହ ଅନ୍ୟାନ୍ୟ ଦାବୀ ଗୁଡ଼ିକ ପୁରଣ ପାଇଁ ପର୍ଯ୍ୟାୟ କ୍ରମେ ଚେଷ୍ଟା କରାଯିବା ସହ ୧ମାସ ମଧ୍ୟରେ ପୂରଣ ପାଇଁ ପ୍ରତିଶୃତି ଦେଇଥିଲେ । ଏହି ଧାରଣା କାର୍ଯ୍ୟକ୍ରମରେ ରକ୍ତଦାତା ସଂଘର ସଭାପତି ଗୋପାଳ ମହାପାତ୍ର, ସଂପାଦକ ବିଜୟ ପାତ୍ର, ଉପଦେଷ୍ଟା ରବି ରାଉତ, ସମାଜସେବୀ ଯୋଗାନନ୍ଦ ଦାସ, ରାଜେନ୍ଦ୍ର ଜେନା, ତପସ୍ୱିନୀ ପଣ୍ଡା, ସୁଶାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଖଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ନିୟମିତ ସଫେଇ, ଜଳଦାନ ସହିତ ଚାଲିଛି ରକ୍ତଦାନ ଶିବିରର ପ୍ରସ୍ତୁତି ପର୍ବ

ଉଦଳା, ୦୩/୦୫ (ନି.ପ୍ର): ସ୍ଥାନୀୟ ସାରଥି ପରିବାର ଆନୁକୁଲ୍ୟରେ ନିୟମିତ ଉଦଳା ସହରର କୃଷକ ବଜାର ନିକଟରେ ପ୍ରଭାତରେ ସଫେଇ କାର୍ଯ୍ୟ ସହିତ ଦିବସ ବ୍ୟାପି ବାଟୋଇ ମାନଙ୍କୁ ସରବତ, ଥଣ୍ଡା ପାନୀୟ ଇତ୍ୟାଦି ବଣ୍ଟନ କରାଯାଉଛି । ତତ୍‌ସହିତ ପରିବାରର ସ୍ୱେଚ୍ଛାସେବୀ ମାନେ ନିକଟରେ ଏକ ରକ୍ତଦାନ ଶିବିର ଆୟୋଜନର ପ୍ରସ୍ତୁତି ପର୍ବରେ ଲାଗିଛନ୍ତି । ଯେଉଁମାନେ ଏହି ଶିବିରରେ ରକ୍ତଦାନ କରିବାକୁ ଚାହୁଁଛନ୍ତି ସେମାନେ ମୋବାଇଲ ନଂ-୯୮୫୩୭୬୮୭୬୬ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି ସେବା ବୈଶାଖ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି । ଆଗାମୀ ଦିନରେ ବୃକ୍ଷ ରୋପଣ, ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ ଓ ନିଶାଦ୍ରବ୍ୟ ସେବନ ବିରୁଦ୍ଧରେ ସଚେତନତାର ବାର୍ତ୍ତା ବାଣ୍ଟିବାର କାର୍ଯ୍ୟକ୍ରମ ରହିଛି ବୋଲି ପରିବାର ତରଫରୁ ଅବଗତ କରାଯାଇଛି ।

## ଜୟଦେବ ଜୟନ୍ତୀ ଉପଲକ୍ଷେ ଭଜନ ସମାରୋହ

ବାଲିପାଟଣା, ୦୩/୦୫ (ନି.ପ୍ର): ଶିଶୁ ଅନନ୍ତଙ୍କ ପବିତ୍ର ପୀଠ ଶିଶୁ ମଠ ଠାରେ ବିଶ୍ୱକବି ଜୟଦେବଙ୍କ ଜନ୍ମ ଦିନ ଅକ୍ଷୟ ତୃତୀୟା ତିଥିରେ ଏକ ଭଜନ ସମାରୋହ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସଭାକୁ ସ୍ଥାନୀୟ ବିଧାୟକ ଡ଼ଃ ଅରବିନ୍ଦ ଢ଼ାଲି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଜୟଦେବଙ୍କର ଅମର କୃତି ଗୀତଗୋବିନ୍ଦ ବିଶ୍ୱର ଅଦ୍ୱିତୀୟ କାବ୍ୟ ବୋଲି କହିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଐତିହାସିକ ତଥା ଗବେଷକ ପ୍ରଫୁଲ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ଅତିରିକ୍ତ ପୋଲିସ କମିଶନର ପରେଶ ରାଉତ, ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼, ଶିଶୁ ଅନନ୍ତ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ପ୍ରମୁଖ ଜୟଦେବଙ୍କ ଯୋଗୁଁ ଓଡ଼ିଆ ଜାତି ଏକ ସ୍ୱତନ୍ତ୍ର ପରିଚୟ ପାଇଛି ଏବଂ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଆମେ ଆମପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିବା ବୋଲି ମତ ଦେଇଥିଲେ ।ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଶିଶୁ ଅନନ୍ତ ସ୍ମୃତି ସଂସଦ ମିଳିତ ସହଯୋଗରେ ଅୟୋଜିତ ଏହି କାର୍ଯ୍ୟକ୍ରମ ରେ ରବି କୁମାର ଓ ପ୍ରତିଭା ମିଶ୍ର ଗୀତଗୋବିନ୍ଦ ଗାନ କରିଥିଲେ । ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ନୃତ୍ୟ ଅନୁଷ୍ଠାନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ ।

## ଜନ ଶୁଣାଣି ଶିବିରରେ ୫୮ ଟି ଅଭିଯୋଗ



ଭଦ୍ରକ, ୦୩/୦୫ (ନି.ପ୍ର): ମଇ ମାସର ପ୍ରଥମ ସୋମବାର ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୫୮ ଟି ଜନଅଭିଯୋଗର ଶୁଣାଣି କରିଥିଲେ । ଡି.ଆର୍.ଡ଼ି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର ମଧ ଏହି ଶିବିରରେ ଯୋଗ ଦେଇଥିଲେ । ସମୁଦାୟ ଅଭିଯୋଗ ମଧ୍ୟରୁ ୨ଟି ର ତତ୍କାଳ ସମାଧାନ କରାଯିବା ସହ ଅନ୍ୟ ଗୁଡ଼ିକର ସମାଧାନ ପାଇଁ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସମସ୍ତ ଅଭିଯୋଗ ମଧ୍ୟରେ ୩୮ଟି ବ୍ୟକ୍ତିଗତ ଓ ୨୦ ଟି ସାମୁହିକ ସମସ୍ୟା ଭିତ୍ତିକ ଥିଲା । ସରକାରୀ ଜାଗାରେ ବେଆଇନ୍ କୁକୁଡ଼ାଫାର୍ମ ନିର୍ମାଣ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ନୂତନ ନିଯୁକ୍ତି ଉଚ୍ଚ ବିଦ୍ୟାପୀଠ ଦେଉପଦାକୁ ଜମି ହସ୍ତାନ୍ତର, ଦୋକାନ ଗୃହ ଉଚ୍ଛେଦ, ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା, ବେଧଡ଼କ ବାଲି ଉଠାଣ, ଜଳ ନିଷ୍କାସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଠା ଜଳସେଚନ, ଆର୍ଥିକ ସହାୟତା, ଆଦର୍ଶ ବିଦ୍ୟାଳୟରେ ନାମ ଲେଖା, ମିଳିଥିବା ଘରର ଟଙ୍କା ଅନ୍ୟ ଆକାଉଣ୍ଟକୁ ଯିବା, ଯୌତୁକ ନିର୍ଯ୍ୟାତନା, ରାସ୍ତା, ଅଙ୍ଗନବାଡ଼ି କେନ୍ଦ୍ରରେ ମହିଳା ସହାୟିକା ନିଯୁକ୍ତି, ଇନ୍ଦିରା ଆବାସ, ଘରୋଇ ଜାଗା ଉପରେ ବିଦ୍ୟୁତ୍ ତାର, ସାଳନ୍ଦୀ ସଂସ୍କାରରେ ବିସ୍ଥାପିତଙ୍କୁ ପ୍ରାପ୍ୟ ନମିଳିବା, ଖାଦ୍ୟ ସୁରକ୍ଷା ଓ ଘର, କାଳିଆ ଯୋଜନାରେ ସାମିଲ ହେବା, ଏମ୍.ଜି. ଏନ୍.ଆର୍.ଇ.ଜି.ଏ, ବିଜୁ ସ୍ୱାସ୍ଥ୍ୟ ବୀମା କଲ୍ୟାଣ ଯୋଜନାରେ ଚିକିତ୍ସା ପରେ ଫି ଦାବୀ କରାଯିବା ଆଦି ଅଭିଯୋଗ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସି.ଏମ୍.ଆର୍.ଏଫ୍.ରୁ ଗୋଟିଏ ଏବଂ ରେଡ଼କ୍ରସରୁ ୨ଟି ଆବେଦନ ଆର୍ଥିକ ସହାୟତା ପ୍ରଦାନ ପାଇଁ ଆଗତ ହୋଇଥିଲା । ସୂଚନା ଯୋଗ୍ୟକି ଆସନ୍ତା ୯.୫.୨୦୨୨ ସୋମବାର ଦିନ ଧାମନଗର ବ୍ଲକରେ ଏହି ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ।

## ଶ୍ରଦ୍ଧାକ୍ଷେତ୍ର ବାଲିଆପାଳରେ ରଥଯାତ୍ରା ପାଇଁ ରଥ କାଠ ଅନୁକୂଳ



ବାଲିଆପାଳ, ୦୩/୦୫ (ନି.ପ୍ର): ଆଜି ପବିତ୍ର ଅକ୍ଷିତୃତୀୟାରେ ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ରଥ ନିର୍ମାଣ ପାଇଁ ରଥ କାଠ ଅନୁକୂଳ ହୋଇଛି । ମନ୍ଦିରର ପ୍ରତିଷ୍ଠାତା ତଥା ପ୍ରଥମ ସେବକ ଜୟନାରାୟଣ ମହାନ୍ତିଙ୍କ ବାଡିରେ ଥିବା ଏକ ନିମ୍ବ ଗଛକୁ ଏଥି ପାଇଁ ଚିହ୍ନଟ କରାଯାଇ ଛେଦନ କରାଯାଇଛି । ବୃକ୍ଷ ଛେଦନ ପୂର୍ବରୁ ସେଠାରେ ପୂଜା ପାଠ ସହ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ ପୂଜା ଓ ଯଜ୍ଞ କାର୍ଯ୍ୟପରିଚାଳନା କରିଥିଲେ ପରେ ମନ୍ଦିରର ପ୍ରତିଷ୍ଠାତା ତଥା ପ୍ରଥମ ସେବକ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ବୃକ୍ଷକୁ ସ୍ପର୍ଷ କରିବା ପରେ ରଥ ନିର୍ମାଣ ପାଇଁ ତାହା ଛେଦନ କରାଯାଇଥିଲା । ପରେ ଏହି କାଠକୁ ଏକ ଶୋଭାଯାତ୍ରାରେ ମନ୍ଦିର ବେଢା ପର୍ଯ୍ୟନ୍ତ ଅଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବ୍ରଜକିଶୋର ଭୂୟାଁ,ସତ୍ୟକାମ ମହାନ୍ତି,ପୂର୍ବତନ ସରପଂଚ ମଧୁସୁଦନ ବାରିକ, ସରପଂଚ ମୂରଲୀମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ , ମଧୁସୂଦନ ସାହୁ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଯାଜପୁରରେ ଅକ୍ଷିମୁଠି ଅନୁକୂଳ କଲା କିଷାନ କଂଗ୍ରେସ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଓ ଧର୍ମଶାଳା ବ୍ଲକ କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଆଜି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ନରସିଂହପୁରଠାରେ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଓ କୃଷକ ସମ୍ବର୍ଦ୍ଧନା ସମାରୋହ ପାରମ୍ପରିକ ବିଧି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସ୍ଥାନୀୟ ଗ୍ରାମଦେବତୀଙ୍କ ନିକଟରୁ ସୁସଜ୍ଜିତ ହଳ, ବଳଦ ଓ ଶତାଧିକ ଚାଷୀଙ୍କ ମେଳରେ ଶୋଭାଯାତ୍ରାରେ ଯାଇ କ୍ଷେତରେ ଭୂମି ପୂଜନ କରିବା ସହ ଅକ୍ଷିମୁଠି ବପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସମଗ୍ର ଚାଷୀକୁଳକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଚଳିତ କୃଷି ବର୍ଷ ଶସ୍ୟର ସମ୍ଭାର ସହ ପଦାର୍ପଣ କରୁ ବୋଲି ଶୁଭ ମନାସି ଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ସଫଳ ଅଗ୍ରଣୀ ଚାଷୀ ବନ୍ଧୁମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ଜିଲ୍ଲା କିଷାନ କଂଗ୍ରେସ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଷାନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କୃଷକ ସମାବେଶରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଲେ ଯେ, କୃଷି ରାଜ୍ୟ ଅର୍ଥନୀତିର ମୁଖ୍ୟ ଆଧାର। ରାଜ୍ୟର ୭୦ ପ୍ରତିଶତ ଲୋକ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ କୃଷିକୁ ସର୍ବପ୍ରଥମେ ପ୍ରାଥମିକତା ଦିଆଯିବା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନର ସରକାରରେ ଚାଷୀର କ୍ଷେତକୁ ପାଣି ନାହିଁ, ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁ ବିପଣନର ବ୍ୟବସ୍ଥା ନ ଥିବା ବେଳେ ଚାଷୀକୁ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉ ନାହିଁ। ସବୁ କ୍ଷେତ୍ରରେ ଆଜି ଓଡ଼ିଶାର ଚାଷୀ ଅସହାୟ। ଧାନ କୁ ଛାଡ଼ିଦେଲେ ଆଳୁ, ପିଆଜ ଉପରେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରଟିଏ ନାହିଁ। ୧୦ ଲକ୍ଷ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଛି। ପୂର୍ବରୁ ଗଢ଼ି ଉଠିଥିବା କୃଷିଭିତ୍ତିକ ଶିଳ୍ପଗୁଡ଼ିକ ଭଗ୍ନ ଅବସ୍ଥାରେ ପଡ଼ିରହିଛି।

# ମେ ୨୦ରେ ମୁକ୍ତିଲାଭ କରିବ ପ୍ରେମ ଏଟିଏମ୍




ଭୁବନେଶ୍ୱର, ୦୩/୦୫ (ନି.ପ୍ର): ମୁକ୍ତିଲାଭ କରିବାକୁ ଯାଉଛି ବହୁ ପ୍ରତିକ୍ଷୀତ ଓଡିଆ ସିନେମା ପ୍ରେମ ଏଟିଏମ । ଆସନ୍ତା ମେ ୨୦ରେ ସିନେମାଟି ଫ୍ଲୋରକୁ ଆସିବ । ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ଡ୍ରିମ୍ ପ୍ରୋଜେକ୍ଟ ହେଉଛି ପ୍ରେମ ଏଟିଏମ । ତରଙ୍ଗ ସିନେ ପ୍ରଡକ୍ସନ ଦ୍ୱାରା ପ୍ରେମ ଏଟିଏମ ରିଲିଜ ହେବାକୁ ଯାଉଥିବ ଘୋଷଣା କରାଯାଇଛି । ଏହି ସିନେମାରେ ସୁନ୍ଦରଗଡର ପ୍ରଦୀପ ଦତ୍ତ ଧମାଲ କରିବେ । ତାଙ୍କ ସହ ଦିବ୍ୟା ଦିଶା ମହାନ୍ତି ଓ ଲିପିକା ସେନାପତି ଦମଦାର ଅଭିନୟ କରିଛନ୍ତି । ମାରୁତି ମୁଭି ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ପ୍ରଯୋଜନା କରିଛନ୍ତି ସୁରେନ୍ଦ୍ର ନାରାୟଣ (ପୁଲିଆ) ଓ ନବନୀତା ମିଶ୍ର । ସୁଧାଂଶୁ ମୋହନ ସାହୁଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏଥିରେ ଦେଖିବାକୁ ମିଳିବ । ଅଭିଜିତ ମଜୁମଦାରଙ୍କ ସଂଗୀତ ନିର୍ଦ୍ଦେଶନାରେ ଗୀତ ଗୁଡିକ ଗାଇଛନ୍ତି ମଣ୍ଟୁ ଛୁରିଆ, ହ୍ୟୁମାନ ସାଗର, ସ୍ୱୟମ୍ ପାଢ଼ୀ, ତାରିକ୍ ଅଜିଜ୍, ଦିପ୍ତୀରେଖା ଓ ଅମ୍ରିତା ନାୟକ । ବହୁଦିନ ବ୍ୟବଧାନରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ଓଡିଆ ସିନେମା । ତେଣୁ ଏହାକୁ ନେଇ ଦଶକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖିବାକୁ ମିଳିଛି ।

# ଅର୍ଜୁନ ମୁଣ୍ଡାଙ୍କୁ ଜନ୍ମ ଦିନରେ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୩/୦୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଜନ୍ମ ଦିନରେ ଶୁଭକାମନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ କ୍ୟାବିନେଟରେ ସହଯୋଗୀ ଅର୍ଜୁନ ମୁଣ୍ଡାଙ୍କୁ ଜନ୍ମ ଦିନର ଶୁଭେଚ୍ଛା । ସେ ଜନଜାତୀୟ ଲୋକ ମାନଙ୍କର ସଶକ୍ତିକରଣ ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ଜନଜାତୀୟ ସଂସ୍କୃତିକୁ ଲୋକପ୍ରିୟ କରାଇବା ଦିଗରେ ଆଗରେ ଅଛନ୍ତି । ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ କାମନା କରୁଛି ।

# ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହ

ବାଲେଶ୍ୱର,୦୩/୦୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସେରଗଡ ସ୍ଥିତ ସରକାରୀ ବିହନ ଫାର୍ମଠାରେ ଜିଲାସ୍ତରୀୟ କୃଷକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ପରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଏହି ପବିତ୍ର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଜିଲାର କୃଷକମାନଙ୍କ ମଙ୍ଗଳ କାମନା କରିଥିଲେ। ରାଜ୍ୟର କୃଷି ଓ କୃଷକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ତାହାର ସୁଫଳ ଏବେ ରାଜ୍ୟକୁ ମିଳିବା ଆରମ୍ଭ ହୋଇଛି। ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱର ଜିଲାକୁ ରାଜ୍ୟରେ ୧ ନମ୍ବର କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣ ଓ ଆଧୁନିକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ଓଡ଼ିଶା ଏବେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇ ପାରିଥିବା ସେମାନେ କହିଥିଲେ । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଉପସ୍ଥିତ ରହି ଖାଦ୍ୟଶସ୍ୟ ଉତ୍ପାଦନରେ ଜାତୀୟ ହାର ସହିତ ସମାନ ହେବାକୁ ହେଲେ ଆମ ସମସ୍ତଙ୍କୁ ନିରନ୍ତର ପ୍ରୟାସ କରିବାକୁ ପଡିବ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର କୃଷକ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା, ସ୍ଥାନୀୟ ବାସିନ୍ଦା, କୃଷି ବିଭାଗ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଦର କୃଷି ଜିଲା ଅଧିକାରୀ ବୀରେନ୍ଦ୍ର କୁମାର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳାରେ ଅକ୍ଷୟ ତୃତୀୟା ପାଳିତ



ଉଦଳା, ୦୩/୦୫ (ନି.ପ୍ର): କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଠାରେ ଆଜି ମଇ ୩ ତାରିଖ ମଙ୍ଗଳବାର ଦିନ ପବିତ୍ର ଅକ୍ଷୟ ତୃତିୟା ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପରେ ଭଜନ କିର୍ତ୍ତନ ସହିତ ଶ୍ରୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବଡ଼ଦାଣ୍ଡରେ ପହଞ୍ଚିଥିଲା । ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବଡ଼ଦାଣ୍ଡରେ ହୋମ, ଯଜ୍ଞ ସହିତ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ରଥଯାତ୍ରାର ଶୁଭାରମ୍ଭ ସ୍ୱରୂପ ରଥ ଚକରେ ଅଖ ଯୋଖା ଯାଇଥିଲା । ଆଜି ଦିନଟି ପବିତ୍ର ଦିନ ହୋଇଥିବାରୁ ଅନେକ ଲୋକ ଗୃହ ନିର୍ମାଣ ପାଇଁ ଭୂମି ପୂଜନ, ନବ ନିର୍ମିତ ଗୃହର ପ୍ରତିଷ୍ଠା, ବିବାହ, ବ୍ରତ ଇତ୍ୟାଦି ଆୟୋଜନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସେହିପରି ଆଜି ବିଶ୍ୱ କବି ଜୟଦେବଙ୍କର ଜୟନ୍ତି ପଡୁଥିବାରୁ ସନ୍ଧ୍ୟାରେ ଭକ୍ତି ଜ୍ଞାନ ସଂଚାର ସମିତି ତରଫରୁ ତାଙ୍କ ରଚିତ 'ଗୀତ ଗୋବିନ୍ଦ' ସମ୍ପର୍କରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଆଜି ଦିବସ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ବଣିକ ସଂଘର ସଭାପତି ରବିନ୍ଦ୍ର ପରିଡ଼ା, ବରିଷ୍ଠ ନାଗରିକ ସଂଘର ସଭାପତି ଜୟଚନ୍ଦ୍ର ପତ୍ରି, ଆମେ ଭଞ୍ଜକଳାକାରର ସଭାପତି କ୍ଷୀରୋଦ ମହାନ୍ତିଙ୍କ ସମେତ ଶ୍ରୀମନ୍ଦିର ପରିଚାଳନାକମିଟି ସଦସ୍ୟ ବୃନ୍ଦ ଓ ଗଣମାଧ୍ୟମର ପ୍ରତିନିଧି ମାନେ ନେତୃତ୍ୱ ନେଇଥିଲେ ।

# ଜିଲ୍ଲାସ୍ତରୀୟ ଜୟଦେବ ଜୟନ୍ତୀ

ବାଲେଶ୍ୱର,୦୩/୦୫ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କବି ଜୟଦେବଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ ସହ ମହାନ ଉତ୍କଳୀୟ ସଂସ୍କୃତିକୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଜୟଦେବଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୟଦେବଙ୍କ ଦ୍ୱାରା ରଚିତ ତଥା ଅପ୍ରକାଶିତ ବହୁ ତଥ୍ୟ ଉପସ୍ଥାପନ ପୂର୍ବକ ଜୟଦେବଙ୍କ ଜନ୍ମସ୍ଥାନକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। କବି ଜୟଦେବଙ୍କ କାବ୍ୟକୃତି ଆଜି ସମଗ୍ର ଦେଶରେ ପ୍ରସିଦ୍ଧି ଅର୍ଜନ କରିପାରିଥିବା ବେଳେ ତାହା ମାନବ ସମାଜ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇପାରିଥିବା ଡକ୍ଟର ତ୍ରିପାଠୀ ମତବ୍ୟକ୍ତ କରିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜୟଦେବଙ୍କ ରଚନାରେ ଯେଉଁ ଲାଳିତ୍ୟ ଏବଂ ଚାତୁରୀ ଭରି ରହିଛି, ତାହା କବିଙ୍କ ମହାନତାକୁ ପ୍ରତିଫଳିତ କରାଇ ପାରିଛି ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଆଶୁ କବିତା ମାଧ୍ୟମରେ ଜୟଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉତ୍ସବ ପ୍ରାରମ୍ଭରେ କବି ଜୟଦେବଙ୍କ ସୁଦୃଶ୍ୟ ପ୍ରତିକୃତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ ଏଥିରେ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବାଲେଶ୍ୱରରେ ହର୍ଷ ଉଲ୍ଲାସରେ ଇଦ୍-ଉଲ-ଫିତର



ବାଲେଶ୍ୱର,୦୩/୦୫ (ନି.ପ୍ର): ଦୀର୍ଘ ଦୁଇ ବର୍ଷର କୋଭିଡ କଟକଣା ପରେ ବାଲେଶ୍ୱରର ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ତ୍ୟାଗ ଓ ବଳିଦାନର ପର୍ବ 'ଇଦ-ଉଲ ଫିତର' ବେଶ ହର୍ଷ ଉଲ୍ଲାସରେ ମଙ୍ଗଳବାର ପାଳିତ ହୋଇଯାଇଛି। ଇସଲାମ ଧର୍ମାବଲମ୍ବୀଙ୍କ ଏକମାସର ଉପବାସ (ରୋଜା) ବ୍ରତ ଆଜି ଶେଷ ହୋଇଛି। ଏନଇ ସହରର ଦରଘା ମୈଦାନରେ ସକାଳୁ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବା ସହିତ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଏଥି ସହିତ ବିଭିନ୍ନ ମସଜିଦରେ ସାମୂହିକ ନମାଜପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସହରର ଦରଘା ମୈଦାନ ସମେତ ଖ୍ୱାଜାବାଦ, ବାଲୁବଜାର, ପଠାନ୍ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ଓ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ ପ୍ରଭୃତି ଅଞ୍ଚଳର ମସଜିଦ୍‌ଗୁଡ଼ିକରେ ମଧ୍ୟ ସାମୂହିକ ନମାଜ ପାଠ କରାଯାଇଥିଲା। ଦରଘା ମଇଦାନରେ ଆୟୋଜିତ ସାମୂହିକ ନମାଜ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ପହଞ୍ଚି ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଇଦ ଶୁଭେଚ୍ଛା ଜଣାଇଥିଲେ। ପରମ୍ପରା ଅନୁଯାୟୀ ଏହିଦିନ ମୁସଲମାନ ଭାଇମାନେ ସାଧ୍ୟମତେ ଅନ୍ୟକୁ ଦାନ କରିଥିଲେ । ଏହି ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ପ୍ରତୀକ୍ଷିତ ଓଡିଆ ସିନେମା 'ପ୍ରସ୍ଥାନମ୍'ର ଅଡିଓ ରିଲିଜ୍




ଭୁବନେଶ୍ୱର, ୦୩/୦୫ (ନି.ପ୍ର): ବହୁ ପ୍ରତିକ୍ଷୀତ ଓଡିଆ ସିନେମା 'ପ୍ରସ୍ଥାନମ୍'ର ଅଡିଓ ଆମର ମ୍ୟୁଜିକ ଦ୍ୱାରା ରିଲିଜ୍ ହୋଇଛି । ଭୁବନେଶ୍ୱର ଏସପ୍ଲାନେଡ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହି ଅଡିଓ ରିଲିଜ୍ ହୋଇଛି । ପ୍ରଥମ ଥର ପାଇଁ ଫ୍ଲାସ ମୋଭରେ ସମସ୍ତ କଳାକାର ଏଣ୍ଟ୍ରି କରିଥିବା ବେଳେ ୟଙ୍ଗ୍ ସେନସେସନ୍ ମ୍ୟୁଜିସିଆନ ଅସାଦ୍ ନିଜାମଙ୍କ ଟିମ୍ ଓ ସମସ୍ତ କଣ୍ଠଶିଳ୍ପୀ ସଂଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଆହୁରି ରଙ୍ଗାରଙ୍ଗ କରିଥିଲେ । ପ୍ରସ୍ଥାନମ୍ ର ସମସ୍ତ ଗୀତ କେବଳ ଆମର ମ୍ୟୁଜିକ ୟୁଟୁବ୍ ଚ୍ୟାନେଲ ରେ ଦର୍ଶକମାନେ ଦେଖିପାରିବେ ।ରାଜା ଡି'ଙ୍କ ନିର୍ଦ୍ଦେଶିତ ଏହି ବହୁ ଚର୍ଚ୍ଚିତ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅମ୍ଲାନ୍ ନଜର ଆସିଥିବା ବେଳେ ନାୟିକା ସାଜିଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ । ଅନ୍ୟମାନଙ୍କ ମଧ୍ୟରେ ବଣ୍ଟି ଆର୍ ସାମଲ (ଫନୀ ଅନୁଗୁଳିଆ), ମନୋଜ ମିଶ୍ର, ଉଷସୀ ମିଶ୍ର ଓ ପାର୍ଥ ସାରଥୀ ରାୟ ପ୍ରମୁଖ ଦମଦାର ଅଭିନୟ କରିଛନ୍ତି ।ସିନେମାର ଗୀତ ଗୁଡିକ ବେଶ ମନଛୁଆଁ ହୋଇଛି । ତପୁ ନାୟକ ଓ କୁମାରଶ୍ରୀଙ୍କ ଗୀତକୁ ସ୍ୱର ସଜାଇଛନ୍ତି ଅସାଦ୍ ନିଜାମ । ହ୍ୟୁମାନ ସାଗର, ଅସାଦ୍ ନିଜାମ, କୁଲଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ନେହା ନିହାରିକା କର ଓ ଆର ଏସ କୁମାର ପ୍ରମୁଖ ଗୀତ ଗୁଡିକ ଗାଇଛନ୍ତି । ଖୁବଶୀଘ୍ର 'ପ୍ରସ୍ଥାନମ୍' ପରଦାକୁ ଆସିବ ବୋଲି ଜଣାପଡିଛି । ଓଡିଆ ମୌଳିକ କାହାଣୀ ସହ ଭରପୁର ରୋମାନ୍ସ ଭରି ରହିଛି ଏହି ସିନେମାରେ । ରାଜା ଡି' ଓ ଅସାଦ୍ ନିଜାମଙ୍କ ଯୋଡି ଅନେକ ଗୁଡିଏ ସୁପରହିଟ୍ ମ୍ୟୁଜିକ୍ ଭିଡିଓ ଦର୍ଶକଙ୍କୁ ଭେଟି ଦେଇଥିବା ବେଳେ ଏବେ ବଡପରଦାରେ ଉଭୟଙ୍କ ଯୋଡି ଧମାଲ କରିବ ବୋଲି ଦର୍ଶକଙ୍କ ମହଲରେ ଉତ୍ସୁକତା ବଢ଼ିଛି ।

# ବିଜେଡିର ମିଶ୍ରଣ ପର୍ବରେ ବିରୋଧୀଙ୍କୁ ପର୍ଯ୍ୟଟନ ମନ୍ତ୍ରୀଙ୍କ ଶାଣିତ ପ୍ରହାର



ଖଇରା, ୦୩/୦୫ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ଓ ଗଡପୋଖରୀ ପଞ୍ଚାୟତର ଭାଜପା ନେତା ରଞ୍ଜନ ଦଳେଇ କିଛି ଦିନର ନିରବତା ପରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡା ଗଡପୋଖରୀ ପଞ୍ଚାୟତରେ ନବ ନିର୍ବାଚିତ ୱାର୍ଡ ସଭ୍ୟା ଗାୟତ୍ରୀ ପାତ୍ର,ସଭ୍ୟ ଜୟନ୍ତ ସେଠୀ,ମହେଶ୍ୱର ପାତ୍ର,ଟୁନା ସାହୁ ,ପୂର୍ବତନ କଂଗ୍ରେସ ସଭାପତି ଗଣନାଥ ସିଂ,ସାରୁଗାଁ ପଞ୍ଚାୟତରୁ ହେମନ୍ତ ଲେଙ୍କା ପ୍ରମୁଖ ବିଜେଡିର ଉତ୍ତରୀୟ ପିନ୍ଧିବା ସଦସ୍ୟ ପଦ ଗ୍ରହଣ କରିଛନ୍ତି । ଏହି ଅବସରରେ ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଯୋଗ ଦେଇ ବିରୋଧୀଙ୍କୁ ଭାଷଣ ଆଳରେ ଶାଣିତ ପ୍ରହାର କରିଛନ୍ତି । ସିମୁଳିଆ ନିର୍ବାଚନ ମଣ୍ଡଳୀରେ ନାଗରିକ ମାନେ ୧୫ବର୍ଷ ଧରି ଶାନ୍ତି ପ୍ରଗତି ଭିତରେ ଜିବନ ବିତାଉଥିଲେ । ହେଲେ ଏବେ କିଛି ବିଦେଶୀ,ବାହ୍ୟଶକ୍ତି କଳାପାହାଡ ଓ ମାମୁଦ ଗଜନୀ ସାଜି ଗାଁ ଗାଁ ରେ ପଶି ଅଶାନ୍ତି ସୃଷ୍ଟି କରୁଛନ୍ତି । କିଛି ପଦବୀ ହାତରୁ ଚାଲିଯିବା କୁ ଇଙ୍ଗିତ କରି ସିମୁଳିଆ ରେ ବିଜେଡି ଦଳ ଏବେ ମହାଦ୍ରୁମ । ହୁଏତ କିଛି ପତ୍ର ଝଡିଛି । ଅନ୍ୟ ନିର୍ବାଚନ ମଣ୍ଡଳୀ ରେ ଭୋଟ ହାର ଦେଖିଲେ ବିଜେଡି ଏଠାରେ ଯଥେଷ୍ଟ ଅଧିକ ଭୋଟ ପାଇଛି । ଆଜିର ଏହି ମିଶ୍ରଣ ଆଗାମୀ ଦିନରେ ବିଜେଡିର ବିଜୟକୁ ଅଧିକ ସହଜ କରିବ ବୋଲି ପ୍ରକାଶ କରିଥିଲେ । ମିଶିଥିବା ନେତା ରାଧାକାନ୍ତ ପାତ୍ର ତାଙ୍କ ବକ୍ତବ୍ୟରେ କିଛି କୁଚକ୍ରୀଙ୍କ ପାଇଁ ବର୍ତ୍ତମାନ ମନ୍ତ୍ରୀଙ୍କ ସହତାଙ୍କର ମନୋମାଳିନ୍ୟ ହୋଇଥିଲା । ଏବେ ଠାରୁ ଦଳ ଅଧିକ ସଙ୍ଗଠିତ ହେବ ବୋଲି କହିଥିଲେ । ଅନ୍ୟତମ ଯୁବ ନେତା ରଞ୍ଜନ ଦଳେଇ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ଓ ପର୍ଯ୍ୟଟନ ମନ୍ତ୍ରୀ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି । ଆଗାମୀ ନିର୍ବାଚନରେ ଭାଜପା ଗଡପୋଖରୀ ପଞ୍ଚାୟତରେ ଅସ୍ତିତ୍ୱ ହରାଇବ ବୋଲି କହିଥିଲେ । ଉକ୍ତ ସଭାରେ ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ଜିଲା ପରିଷଦ ସଭ୍ୟ ମାନସ ଦାଶ,ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ,ବିଧାୟକ ପ୍ରତିନିଧି କରୁଣାକର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ବସ୍ତି ପିଲାଙ୍କୁ ବିଦ୍ୟାଳୟମୁଖୀ କରିବାକୁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୦୩/୦୫ (ନି.ପ୍ର): ତେଲେଙ୍ଗାସାହି ବସ୍ତି ଅଞ୍ଚଳରେ ମଙ୍ଗଳବାର ସାକ୍ଷରତା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛ । ଶିକ୍ଷୟତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାକ୍ଷରତା ଅଭିଯାନରେ ସଦର ବ୍ଲକ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କୋରନା ଯୋଗୁଁ ଦୀର୍ଘ ୨ବର୍ଷ ଧରି ବିଦ୍ୟାଳୟ ପାଠପଢାରୁ ଦୂରେଇ ଯାଇଥିବା ବସ୍ତି ପିଲାଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଓ ନିୟମିତ ସ୍କୁଲ ଯିବା ପାଇଁ ଶିକ୍ଷୟିତ୍ରୀ ଶ୍ରୀମତୀ ପାଣିଗ୍ରାହୀଙ୍କ ଏହି ପ୍ରୟାସ ଅନ୍ୟମାନଙ୍କ ନିମନ୍ତେ ପ୍ରେରଣା ବୋଲି ସେ କହିଥିଲେ। ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡା, ଡାକ୍ତର କୁମାର ଗୋପାଳ ଓ ସମାଜସେବୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ବସ୍ତି ଅଞ୍ଚଳର ପିଲାଙ୍କୁ ବିଦ୍ୟାଳୟମୁଖୀ କରାଇବାରେ ଏହି କାର୍ଯ୍ୟକ୍ରମ ବେଶ ଉପାଦେୟ ବୋଲି ସେମାନେ କହିଥିଲେ। ସ୍ଥାନୀୟ ଆଶାକର୍ମୀ କଜ୍ଜଳତା ଦାସ ଏବଂ ଅଙ୍ଗନବାଡ଼ି କର୍ମୀ ଗୌରୀମଣି ମହାପାତ୍ର ଓ ପ୍ରଭାତି ଦାସ ଏଥିରେ ଉପସ୍ଥିତ ଥିଲେ ।

# ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ବାରିପଦା, ୦୩/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମେ ମାସର ପ୍ରଥମ ସୋମବାର ତା.୦୨.୦୫.୨୦୨୨ ରିଖରେ ଜିଲ୍ଲା ସଦର ମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଶ୍ରୀ ଋଷିକେଷ ଦ୍ୟାନଦେଓ ଖିଲାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୮୩ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା । ଏଥିରେ ୭୬ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୭ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୁହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଜିଲ୍ଲାପାଳ ଶୁଣାଣି କରିଥିଲେ । ଶୁଣାଣୀରେ ସହୟତା ପାଇଁ ଆସିଥିବା ୨ଟି ଆବେଦନ ପତ୍ର ଉପରେ ଜିଲ୍ଲାପାଳ ପରିସ୍ଥିତି କୁ ବିଚାର କରି ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଲେଖାଏଁ ଆର୍ଥିକ ସହାୟତା ରେଡ୍‌କ୍ରସ ପାଣ୍ଠି ମଞ୍ଜୁର କରିଥିଲେ । ଶିବିରରେ ଶୁଣାଣୀ ହୋଇଥିରବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ପିଡିଆଡିଏ, ପ୍ରକଳ୍ପ ନିର୍ଦ୍ଦେଶିକା ପି.ଅନ୍ୱେଷାରେଡ୍ଡୀ, ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ, ପ୍ରମୁଖ ସମେତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ ଅଧିକାରୀ, ଡେପୁଟି କଲେକ୍ଟର ସୁଜୟ କୁମାର ପତି ଏବଂ ଜିଲ୍ଲାଜରୁରୀ ବିଭାଗ ସଂପୃକ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୱାର୍ଲ୍ଡ ପ୍ରେସ ଫ୍ରିଡମ୍ ଦିବସ ପାଳନ




ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଦେନିମ୍ ଓ ବୁଝ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ପୁରୁଣା ବସ୍ ଷ୍ଟାଣ୍ଡ ରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସତ୍ୟ ପାଣିଗ୍ରାହୀ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭକ୍ଷରେ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ନାୟକ, ଡ. ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ସମାଜସେବୀ ଲୋକନାଥ ଦାସ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମ କର୍ପୋରେଟର ଗୀତାଞ୍ଜଳି ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରେସ ସ୍ୱାଧୀନତା ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବ ରେ କିଛି ସାମ୍ବାଦିକ, ସମାଜସେବୀ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo